



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୦ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 JULY 2025

Vol.No. 36 ■ No.191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


DADLS-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା


- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR: 15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୦ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 JULY 2025
Vol.No. 36 ■ No.191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଟ୍ରମ୍ପଙ୍କ ବଡ଼ ଦାବି: ଭାରତ-ପାକିସ୍ତାନ ଲଢ଼େଇରେ ଖସିଥିଲା ୫ ଯୁଦ୍ଧ ବିମାନ



ନୂଆଦିଲ୍ଲୀ,୧୯/୭ : ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ତୀବ୍ର ବିବାଦକୁ ସମାଧାନ କରିଥିବା ନେଇ ପୁଣି ଥରେ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏଥିସହ ଅପରେସନ ସିନ୍ଦୂରକୁ ନେଇ ନୂଆ ଦାବି ମଧ୍ୟ କରିଛନ୍ତି। ତାଙ୍କ କହିବା କଥା ଯେ ଦୁଇ ଆଣବିକ କ୍ଷମତା ସମ୍ପନ୍ନ ଦେଶ ପରସ୍ପର ଉପରେ ଘନଘନ ଆକ୍ରମଣ କରୁଥିଲେ। ୪ରୁ ୫ ଯୁଦ୍ଧ ବିମାନ ମଧ୍ୟ ଲଢ଼େଇ ବେଳେ ଖସିଥିଲା। ବାଣିଜ୍ୟ ଆଲୋଚନା ଦ୍ୱାରା ବିବାଦ ସମାଧାନ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଭୟଙ୍କର ଲଢ଼େଇ ହୋଇଥିଲା ବୋଲି ଟ୍ରମ୍ପ କହିଛନ୍ତି। ନିଜ ଦଳ ରିପବ୍ଲିକାନର ସାଂସଦମାନଙ୍କ ସହ ଟ୍ରମ୍ପ ଶୁକ୍ରବାର ଗୋଟିଏ ଘରୋଇ ଡିନର ପାର୍ଟିରେ ଯୋଗ ଦେଇଥିଲେ। ହ୍ୱାଇଟ ହାଉସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, "ଆମେ ଅନେକ ଯୁଦ୍ଧ ଅଟକାଇ ପାରିଛୁ। ସେଗୁଡ଼ିକ ବେଶ ସାଂଘାତିକ ଥିଲା। ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଲଢ଼େଇ କରୁଥିଲେ। ଉଭୟ ଆଣବିକ କ୍ଷମତା ସମ୍ପନ୍ନ ରାଷ୍ଟ୍ର। ସେମାନେ ପରସ୍ପରକୁ ଆଟାକ କରୁଥିଲେ। ଆପଣମାନେ ଜାଣିଛନ୍ତି ଗୋଟିଏ ନୂଆ ଧରଣର ଯୁଦ୍ଧ ଚାଲିଥିଲା। ଆକାଶ ପଥରେ ଯୁଦ୍ଧ ବିମାନକୁ ଟାର୍ଗେଟ କରାଯାଉଥିଲା। ୫, ୫, ୪ କିମ୍ବା ୫। କିନ୍ତୁ ମୁଁ ଭାବୁଛି ୫ଟି ଯୁଦ୍ଧ ବିମାନ ବାସ୍ତବରେ ଖସି ଥିଲା।" ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ତାଙ୍କ ପ୍ରଶାସନ କେମିତି ବାଣିଜ୍ୟକୁ ମୁଖ୍ୟ ଅସ୍ତ୍ର କରିଥିଲା, ସେକଥା ଟ୍ରମ୍ପ ଦୋହରାଇଛନ୍ତି। ସେ କହିଛନ୍ତି, "ଭାରତ ଓ ପାକିସ୍ତାନ ଯୁଦ୍ଧ ସ୍ଥିତିରେ ପହଞ୍ଚି ଯାଇଥିଲେ। ସେମାନେ ପଛକୁ ଫେରୁଥିଲେ ଓ ପୁଣି ଆକ୍ରମଣ କରୁଥିଲେ। ସମୟ ଗଡ଼ିବା ସହ ଏହି ବିବାଦ ତୀବ୍ର ହେବାରେ ଲାଗିଥିଲା। ଆମେ ଏହାକୁ ଟ୍ରେଡ ଆଲୋଚନା ଦ୍ୱାରା ସମାଧାନ କରିଥିଲୁ। ଆମେ ଉଭୟଙ୍କୁ କହିଥିଲୁ ଯେ ତୁମେମାନେ ଗୋଟିଏ ଟ୍ରେଡ ଡିଲ୍ କର। ଯଦି ତୁମେମାନେ ପରସ୍ପର ଉପରେ ଆକ୍ରମଣ ଜାରି ରଖିବ, ତା'ହେଲେ ଆମେ ବାଣିଜ୍ୟ ଡିଲ କରିବୁ ନାହିଁ। ସମ୍ଭବତଃ ସେମାନେ ଆଣବିକ ଯୁଦ୍ଧାସ୍ତ୍ର ଦ୍ୱାରା ଆଟାକ କରିଥାଆନ୍ତେ। ଉଭୟ ବେଶ ଶକ୍ତିଶାଳୀ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ଛାତ୍ରୀଙ୍କ ସୁରକ୍ଷା ପାଇଁ ଆସିଲା ଶକ୍ତିଶ୍ରୀ ଯୋଜନା



ଭୁବନେଶ୍ୱର, ୧୯/୭ (ନି.ପ୍ର): ଛାତ୍ରୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା । ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପାଇଁ ଆସିଲା ନୂଆ ସ୍କିମ୍ । ଶକ୍ତିଶ୍ରୀ ଯୋଜନା ଆଣିବେ ସରକାର । ଏହାଦ୍ୱାରା ଛାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର । କଲେଜମାନଙ୍କରେ ବିଭିନ୍ନ ପରିସ୍ଥିତି ଆଉ ଘଟଣାକୁ ଆଖି ଆଗରେ ରଖି ଛାତ୍ରୀମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ବିଶ୍ୱ ବିଦ୍ୟାଳୟରେ ଅଧିନରେ ଥିବା ସମସ୍ତ କଲେଜରେ ଶକ୍ତି ଶ୍ରୀ ଯୋଜନା କାର୍ଯ୍ୟକାରୀ ହେବ । ମହା ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ମାନଙ୍କରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ପ୍ରଶିକ୍ଷଣ, ସଶକ୍ତିକରଣ ଗୁରୁତ୍ୱାରୋପ କରାଯାଇଛି । ବିଶ୍ୱବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନ କରାଯିବ । ଏହାକୁ ଛାତ୍ରୀମାନେ ନିୟନ୍ତ୍ରଣ ଆଉ ପରିଚାଳନା କରିବେ । ଯଦି କୌଣସି ମହିଳା ଦୁର୍ବ୍ୟବହାର କି ସମସ୍ୟାର ସାମ୍ନା କରନ୍ତି ତେବେ ସେମାନେ ଏହା ବିରୋଧରେ ନିଜେ

▶▶ପୃଷ୍ଠା ୭

## ମହିଳାଙ୍କ କାମରେ ଆସୁନି ମହିଳା କମିଶନ

ଭୁବନେଶ୍ୱର, ୧୯/୭ (ନି.ପ୍ର): ରାଜ୍ୟରେ ମହିଳା ଅସୁରକ୍ଷିତ ସ୍ଲୋଗାନ୍‌କୁ ବଳ ମିଳିଛି । ମହିଳା ଆୟୋଗ ଅଚଳ ହୋଇପଡ଼ିଥିବା ବେଳେ ଫକୀରମୋହନ କଲେଜ ଘଟଣାରେ ଉଠୁଛିପଡୁଛି ରାଜ୍ୟ। କମିସନ ନିକଟରେ ହଜାର ହଜାର ମାମଲା ଗଡୁଛି । ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଅତ୍ମାହୁତି ଓ ବଳଙ୍ଗା ଘଟଣାରେ ସାରା ରାଜ୍ୟ ଜଳୁଛି। ରାଜ୍ୟ ସରକାର ଅଙ୍କଳରେ ପଡିଛନ୍ତି । ସରକାରଙ୍କୁ ଘେରୁଛନ୍ତି ବିରୋଧୀ କଂଗ୍ରେସ ଓ ବିଜେଡି । ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି ବିରୋଧୀ। ଏଭଳି ସମୟରେ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଗଠିତ ରାଜ୍ୟ ମହିଳା କମିସନ କାମ କରୁନାହିଁ। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି

▶▶ପୃଷ୍ଠା ୭


ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫
ଅବଗଣନା
୦୭ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ।
୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


## ପ୍ରସିଦ୍ଧ ଅଭିନେତା ଫିଶ୍ ଭେଙ୍କଟଙ୍କର ୫୩ ବର୍ଷ ବୟସରେ ବିୟୋଗ

ହାଇଦ୍ରାବାଦ, ୧୯/୭ (ନି.ପ୍ର): ତେଲୁଗୁ ସିନେମାର ପ୍ରସିଦ୍ଧ ଅଭିନେତା ଓ କମେଡିଆନ୍ ଫିଶ୍ ଭେଙ୍କଟଙ୍କର ୫୩ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କର ଅକାଳ ମୃତ୍ୟୁରେ ସାରା ଚଳଚ୍ଚିତ୍ର ଜଗତରେ ଶୋକ ଖେଳିଯାଇଛି । ଫିଶ୍ ଭେଙ୍କଟ ତାଙ୍କର କ୍ୟାରିୟରରେ ଅଲ୍ଲୁ ଅର୍ଜୁନ୍, ପବନ୍ କଲ୍ୟାଣ୍

▶▶ପୃଷ୍ଠା ୭

## ବଳଙ୍ଗା ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ : ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୯/୭ (ନି.ପ୍ର): ବଳଙ୍ଗା ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ , ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ । ସୂଚନା ଦେଲେ ଏମ୍ସ ନିର୍ଦ୍ଦେଶକ । ସୂଚନା ଅନୁସାରେ , ୭୨ରୁ ୭୫ ପ୍ରତିଶତ ଶରୀର ପୋଡ଼ି ହୋଇଛି । ୨୦ରୁ ୨୫ ପ୍ରତିଶତ ଛାଡ଼ି ସବୁ ପୋଡ଼ି ହୋଇଛି । ଚର୍ମ ଜଳିଯାଇଥିବାରୁ ସଂକ୍ରମଣ ଭୟ ମଧ୍ୟ ଅଛି । ପୀଡ଼ିତାଙ୍କୁ ନିଶ୍ୱାସ ନେବାରେ ସମସ୍ୟା ହେଉଛି । ଭେଣ୍ଟିଲେଟରରେ ନାହାନ୍ତି କିନ୍ତୁ ଅକ୍ସିଜେନ ସର୍ପୋଟରେ ଅଛନ୍ତି। ପୀଡ଼ିତା ଏବେବି କଥାବାର୍ତ୍ତା କରୁଛନ୍ତି । ମାନସିକ ଏବଂ ଶାରୀରିକ ସ୍ତରରେ ତାଙ୍କୁ ଅଧିକ ଆଘାତ ଲାଗିଛି । ଏପରି ପରିସ୍ଥିତିରେ ଏୟାରଲିଫ୍ଟ କରିବା ସମ୍ଭବପର ନୁହେଁ । ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବୟାନ ମଧ୍ୟ ଦେଇଛନ୍ତି ପୀଡ଼ିତା । ବଳଙ୍ଗା ପୀଡ଼ିତାଙ୍କ କରାଗଲା ବୟାନ ରେକର୍ଡ । ନାବାଳିକା ଜଣଙ୍କ ସାଙ୍ଗ ଘରକୁ ଯିବାବେଳେ ୩ ଜଣ ଯୁବକ ଅପହରଣ କରିଥିଲେ । ନଦୀ ବନ୍ଧ ପାଖରେ କିରୋସିନ୍ ଢାଳି ଜାଳିଦେବାକୁ କରିଥିଲେ ଉଦ୍ୟମ । ଦରପୋଡ଼ା ଅବସ୍ଥାରେ ୩ ଦୁର୍ବୃତ୍ତଙ୍କ କବଳରୁ ଖସି ଆସିଥିଲେ ନାବାଳିକା । ପାଖ ଗାଁର ଲୋକଙ୍କ ସାହାଯ୍ୟ କ୍ରମେ ତାଙ୍କୁ ହସ୍ପିଟାଲ ନିଆ ଯାଇଥିଲା । ବର୍ତ୍ତମାନ ଏମ୍ସରେ ଚାଲିଛି ଚିକିତ୍ସା । ଛାତ୍ରୀଙ୍କ ୭୦ ପ୍ରତିଶତ ପୋଡିଯାଇଥିବା ଏମ୍ସ ଡାକ୍ତର କହିଛନ୍ତି । ଏମ୍ସ୍ ବର୍ଣ୍ଣଓ୍ୱାର୍ଡକୁ ପୀଡ଼ିତାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ବର୍ଣ୍ଣ ଓ୍ୱାର୍ଡ ବାହାରେ ନୋଟିସ୍ ଲାଗିଛି । ଏହି ନୋଟିସ୍‌ରେ କୁହାଯାଇଛି ଅଯଥା ଗହଳି କରନ୍ତୁ ନାହିଁ । କୌଣସି ଲୋକ ଏକାଠି ହୁଅନ୍ତୁ ନାହିଁ । ଭିଡ଼ ହେଲେ ଚିକିତ୍ସାରେ ବାଧା ସୃଷ୍ଟି ହେବ । ରୋଗୀ ସେବାରେ ବାଧା ସୃଷ୍ଟି ହେବ । ଏଥିସହିତ ଏମ୍ସ ବାହାରେ ବ୍ୟାରିକେଡ୍ କରାଯାଇଛି । ଏମ୍ସରେ ସୁରକ୍ଷା ବ୍ୟବସ୍ଥା ବଢାଯାଇଛି ।

# ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ଉତ୍ସବ ଅବସରରେ ଦାଶ ବେନହୁର, ଶୈଳଜ ରବି ଓ ଡ. ନାରାୟଣ ସାହୁ ପାଇବେ ସାରସ୍ୱତ ସମ୍ମାନ

**ସୁଧାସିନ୍ଧୁଙ୍କୁ ବାଲେଶ୍ୱର ବରପୁତ୍ର; ପ୍ରବନ୍ଧରେ ବେଣୁଧର, ସମ୍ପାଦନାରେ ପୀତାମ୍ବର, ଗଳ୍ପରେ ଉଦୟ ନାରାୟଣ, କବିତାରେ ସମରେନ୍ଦ୍ର, ଶିଶୁସାହିତ୍ୟରେ ନୀଳମଣି, ଗୀତିକବିତାରେ ବାବାଜୀ, ଦକ୍ଷ ପ୍ରଶାସକ ଇଂ.ନବକୁମାର, ଯୁବପ୍ରତିଭାରେ ଲିପ୍‌ସା, ସମାଜକଲ୍ୟାଣରେ ସୁମନ୍ତ, ଶିକ୍ଷାବିତ୍ ଭାବେ ଡ. ପଙ୍କଜ କୁମାର, ସାରସ୍ୱତ ସଂଗଠକ ଡା. କୁମାର ଗୋପାଳ, ସଫଳ ଉଦ୍ୟୋଗୀ ଭାବେ ସଂଜୟ ଓ ସପନଙ୍କୁ ସାମ୍ବାଦିକତା ସମ୍ମାନ**



ପ୍ର. ଦାଶ ବେନହୁର | ଶୈଳଜ ରବି | ଡ. ନାରାୟଣ ସାହୁ | ସୁଧାସିନ୍ଧୁ ପଣ୍ଡା | ଡ. ବେଣୁଧର ପାଢୀ | ପୀତାମ୍ବର ବାରିକ | ଉଦୟ ନାରାୟଣ ଦାସ | ସମରେନ୍ଦ୍ର ମହାପାତ୍ର



ନୀଳମଣି ଚାନ୍ଦ | ବାବାଜୀ ଚରଣ ଜେନା | ଇଂ.ନବକୁମାର ମହାଳିକ | ଲିପ୍‌ସା ପଟେଲ | ସୁମନ୍ତ କୁ. ଜେନା | ଡ. ପଙ୍କଜ କୁ. ଜେନା | ଡା. କୁମାର ଗୋପାଲ | ସଞ୍ଜୟ କୁ. ସାହୁ | ସପନ କୁମାର ବିଶ୍ୱାଳ

ବାଲେଶ୍ୱର , ୧୯/୭ (ନି.ପ୍ର): ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୨୦୨୫ ସାରସ୍ୱତ ବାର୍ଷିକ ଉତ୍ସବ ସମାରୋହ ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା' ମିଳିତ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୭ ତାରିଖ ରବିବାର ଦିନ ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱରର ସହରସ୍ଥ ଭେନିଆ ପାରାଡାଇଜ୍‌ଠାରେ ଯଥାରୀତି ଅନୁଷ୍ଠିତ ହେବ। ଚଳିତବର୍ଷ ବିଶିଷ୍ଟ ଲେଖକ ପ୍ରଫେସର ଦାଶ ବେନହୁର ସାମଗ୍ରୀକ କୃତି ନିମନ୍ତେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମିଳିତ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବିଶିଷ୍ଟ କବି ଶୈଳଜ ରବି 'ଧ୍ୱନି ପ୍ରତିଧ୍ୱନି ସମ୍ମାନ', ଡ. ନାରାୟଣ ସାହୁଙ୍କୁ 'ସାଗରିକା ସମ୍ମାନ' ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବରପୁତ୍ର ସମ୍ମାନ ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ସୁଧାସିନ୍ଧୁ ପଣ୍ଡା, ପ୍ରବନ୍ଧ ସମ୍ମାନ ଡ. ବେଣୁଧର ପାଢ଼ୀ, ସମ୍ପାଦନା ସମ୍ମାନ ପୀତାମ୍ବର ବାରିକ, ଗଳ୍ପ ସମ୍ମାନ ଉଦୟ ନାରାୟଣ ଦାସ, କବିତା ସମ୍ମାନ ସମରେନ୍ଦ୍ର ନାଥ ମହାପାତ୍ର, ଶିଶୁ ସାହିତ୍ୟ ସମ୍ମାନ ନୀଳମଣି ଚାନ୍ଦ, ବିଦ୍ୟୁତ୍‌ଲତା ଦେବୀ ଗୀତିକବିତା ସମ୍ମାନ ବାବାଜୀ ଚରଣ ଜେନା, ଦକ୍ଷ ପ୍ରକାଶ ସମ୍ମାନ ଇଂ. ନବକୁମାର ମହାଳିକ, ଯୁବ ପ୍ରତିଭା ସମ୍ମାନ ଲିପ୍‌ସା ପଟେଲ, ପରିବେଶ ସୁରକ୍ଷା ଓ ସମାଜ କଲ୍ୟାଣ ସମ୍ମାନ ସୁମନ୍ତ କୁମାର ଜେନା, ଶିକ୍ଷାବିତ୍ ସମ୍ମାନ ଡ. ପଙ୍କଜ କୁମାର ଜେନା, ସାରସ୍ୱତ ସଂଗଠକ ଓ ସମାଜସେବା ସମ୍ମାନ ଡ. କୁମାର ଗୋପାଲ, ସଫଳ ଉଦ୍ୟୋଗୀ ସମ୍ମାନ ସଂଜୟ କୁମାର ସାହୁ ଓ ସପନ ବିଶ୍ୱାଳଙ୍କୁ ସାମ୍ବାଦିକ ସମ୍ମାନ ପ୍ରଦାନ ବୋଲି 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି।

## ବିହାର ନିର୍ବାଚନ ଲଢିବ ପୁଷ୍ପମ ପ୍ରିୟାଙ୍କ ଦଳ : ୨୪୩ ଆସନରେ ଦେବେ ପ୍ରାର୍ଥୀ

ନୂଆଦିଲ୍ଲୀ,୧୯/୭ : ବିହାର ରାଜନୀତିକୁ ଗୋଟିଏ ପରେ ଗୋଟିଏ ଦଳ ଡେଇଁବାରେ ଲାଗିଲେଣି । ଗତ କିଛିଦିନ ପୂର୍ବରୁ ଉତ୍ତର ପ୍ରଦେଶର ଭୀମ ସେନା ମୁଖ୍ୟ ଚନ୍ଦ୍ର ଶେଖର ଆଜାଦଙ୍କ ଦଳ ଆଜାଦ ସମାଜ ପାର୍ଟି ନିର୍ବାଚ ଲଢ଼ିବା ନେଇ ଘୋଷଣା କରିଥିବାବେଳେ ଆଜି ପୁଷ୍ପମ ପ୍ରିୟା ଚୌଧୁରୀଙ୍କ 'ଦି ପ୍ଲୁରାଲ୍ସ ପାର୍ଟି' ବିହାର ନିର୍ବାଚନ ମୈଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ପୁଷ୍ପମ ପ୍ରିୟାଙ୍କ ଏହା ପ୍ରଥମ ନିର୍ବାଚନ ନୁହେଁ । ୨୦୨୦ରେ ବି 'ଦି ପ୍ଲୁରାଲ୍ସ ପାର୍ଟି' ବିହାରରେ ନିର୍ବାଚନ ଲଢ଼ି ସାରିଛି । ୨୦୨୦ ବିହାର ବିଧାନସଭା ନିର୍ବାଚନରେ ବିଫଳ ହେବା ପରେ, ପୁଷ୍ପମ ପ୍ରିୟା ଚୌଧୁରୀ ଏବେ ୨୦୨୫ ପାଇଁ ପ୍ରସ୍ତୁତି କରୁଛନ୍ତି । 'ଦି ପ୍ଲୁରାଲ୍ସ ପାର୍ଟି' ଏଥର ବିହାରର ସମସ୍ତ ୨୪୩ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ନିର୍ବାଚନ ପାଇଁ ସିମ୍ବଲ ମଧ୍ୟ ମିଳିସାରିଛି । ୨୦୨୦ରେ ତାଙ୍କ ଦଳକୁ ଚେସ୍ ସିମ୍ବଲ ମିଳିଥିବାବେଳେ ଏଥର ହ୍ୱିସିଲ୍ ମିଳିଛି । ଦଳର ରାଜ୍ୟ ମୁଖପାତ୍ର କୁମାର କନହୈୟା କହିଛନ୍ତି, ଆଜି ପୁଷ୍ପମ ପ୍ରିୟା ଏକ ହୋଟେଲରେ ଏକ ସାମ୍ବାଦିକ ସମ୍ମିଳନୀ କରିବେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୦ ଜୁଲାଇ ୨୦୨୫
email : rabibarachayan2015@gmail.com

# ର ବି ବା ର ଚ ୟ ନ

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**

**ଭାଗ-୧୦୬**
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ରାବଣ ଯେଉଁଦିନ ମୋତେ ଅପହରଣ କରି ଆଣିଥିଲା, ତା ପୂର୍ବଦିନ ଏମିତି ବେଶରେ ସଜାଇ ଦେଇ ପ୍ରଭୁ ମୋର କହିଥିଲେ, ବୈଦେହୀ ଆଜି ତୁମେ ସ୍ୱର୍ଗର ରମ୍ଭା, ଉର୍ବଶୀଙ୍କ ଠାରୁ ମଧ ଆହୁରି ସୁନ୍ଦର ଦେଖାଯାଉଛ । ମୋର କାହିଁକି ମନେହେଉଛି ଏମିତି ବେଶରେ ମୁଁ ଆଗକୁ ଆଉ ତୁମକୁ ସଜାଇ ଦେଇପାରିବି ନାହିଁ ।

ତାଙ୍କ କଥା ଶୁଣି ମୁଁ କହିଥିଲି କାହିଁକି ପାରିବେ ନାହିଁ ସ୍ୱାମୀ ? ବନବାସ ଯେ ଆହୁରି ଦୁଇବର୍ଷ ବାକି ଅଛି । ବନବାସରୁ ଗଲେ ହୁଏତ ଏ ସୁଯୋଗ ଆପଣ ଆଉ ପାଇପାରିବେ ନାହିଁ । ହେଲେ ତାଙ୍କ କଥା ସତ୍ୟ ହେଲା ପ୍ରୀତିଦା । ତହିଁ ପରଦିନ ମୁଁ ରାବଣ ଦ୍ୱାରା ହେଲି ଅପହୃତା । ସେହିଦିନଠୁଁ ପ୍ରଭୁ ମୋର ଆଉ ମୋତେ ତପସ୍ୱିନୀ ବେଶରେ ସଜାଇ ପାରିନଥିଲେ । ଠିକ୍ ସେମିତି ତୁମେମାନେ ଆଜି ମୋତେ ସେହିଭଳି ତପସ୍ୱିନୀ ବେଶରେ ସଜାଇ ଦେଇଛ । ମୋର କାହିଁକି ମନେହେଉଛି ଏଇଟା ତୁମର ସୀତାକୁ ସଜେଇବାର ଶେଷଦିନ ।

ଆପଣ ଏମିତି କାହିଁକି କହୁଛନ୍ତି ଦେବୀ । ଆମେ ପରା ଆପଣଙ୍କୁ ସଜାଇବା ପାଇଁ, ଯତ୍ନ ନେବାପାଇଁ ସବୁବେଳେ ଆପଣଙ୍କ ପାଖେପାଖେ ରହିଛୁ ।

ସୁଧାମୟୀ, ପ୍ରୀତିଦାଙ୍କ କଥାରେ ବ୍ୟାଘାତ ଘଟାଇ ମା' ଅନୁକମ୍ପା ଆସି କହିଥିଲେ, ସୁଧାମୟୀ ଏ ପର୍ଯ୍ୟନ୍ତ ତୁମେ ଯଜ୍ଞ ମଣ୍ଡପ ପାଖକୁ ସୀତାକୁ ନେଇ ଯାଉନାହଁ କାହିଁକି ? ମହର୍ଷି ବ୍ୟସ୍ତ ହେଲେଣି । ସମୟ ଅତିକ୍ରାନ୍ତ ହୋଇଯାଉଛି ।

ଅନୁକମ୍ପାଙ୍କ କଥାରେ ଚମକି ଉଠି ପ୍ରୀତିଦା ସୁଧାମୟୀ ଆଦି ସଖୀମାନେ ସୀତାଦେବୀଙ୍କୁ ନେଇ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚାଇ ଦେଇଥିଲେ ।

ବେଦମନ୍ତ୍ର ଧ୍ୱନିରେ ଧ୍ୱନିତ ହେଉଥିଲା ଯଜ୍ଞ ମଣ୍ଡପ । ଶତଶତ ସଂଖ୍ୟାରେ ମୁନିଋଷି ମାନେ ବେଢ଼ି ରହିଥିଲେ ଯଜ୍ଞ ବେଦୀ ଚାରିପାଖରେ । ଦେବୀ ସୀତା ଯାଇ ସମସ୍ତଙ୍କୁ ପ୍ରଣାମ ଜଣାଇ ତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ମୁନିକୁମାରୀଙ୍କ ଗହଣରେ ବସିପଡ଼ିଥିଲେ । ଏହାପରେ ସମସ୍ତଙ୍କୁ ଶୁଣାଇ ମହର୍ଷି ବାଲ୍ମିକୀ କହିଥିଲେ, ହେ ସିଦ୍ଧ ମୁନିଋଷିଗଣ, ମୋର ଆଶ୍ରମବାସିନୀ କନ୍ୟା ତପସ୍ୱିନୀର ଯମଜ ପୁତ୍ର କୁଶ ଲବଙ୍କର ଆଜି ଦଶମ ଜନ୍ମଦିନ ଉତ୍ସବ ଏ ଆଶ୍ରମରେ ପାଳିତ ହେଉଛି । ଲବକୁଶ ମୋର ଅତି ଆଦରର ଶିଷ୍ୟ । ମୁଁ ସେମାନଙ୍କୁ ସମସ୍ତ ଶାସ୍ତ୍ର ବିଦ୍ୟା ଓ ଶସ୍ତ୍ର ବିଦ୍ୟା ଶିକ୍ଷା ଦେଇଛି । ଏହା ସହିତ ମୋ ରଚିତ ରାମାୟଣ ମହାକାବ୍ୟକୁ ସେମାନେ ଅତି ସୁମଧୁର କଣ୍ଠରେ ଗାନ କରୁଛନ୍ତି । ଆଜିର ଏ ଯଜ୍ଞ ଉତ୍ସବ ପରେ ସେମାନେ ରାମାୟଣ ଗାନ କରିବେ । ଆପଣମାନେ ତାଙ୍କ ସୁଲଳିତ କଣ୍ଠରୁ ଶୁଣିବେ ରାମକଥାର ମଧୁର ଝଙ୍କାର । ମହର୍ଷି ବଶିଷ୍ଠ ଆପଣ ଆଜି ଯଜ୍ଞର ପୁରୋଧା । ମୁଁ ଆପଣଙ୍କୁ ଅନୁରୋଧ କରୁଛି ଆଶୀର୍ବଚନ ସୂଚକ ମନ୍ତ୍ର ପାଠ କରି ଯଜ୍ଞରେ ଆହୃତି ପ୍ରଦାନ କରନ୍ତୁ । ମହର୍ଷି ବିଶ୍ୱାମିତ୍ର ଆପଣ ବେଦମନ୍ତ୍ର ପାଠ କରନ୍ତୁ ।

ବିଧି ଅନୁସାରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେଲା । ମୁନିକନ୍ୟାମାନେ ପୁଷ୍ପ ଚନ୍ଦନ ସେ ସ୍ଥାନରେ ବୃଷ୍ଟି କରୁଥା'ନ୍ତି । ଶଂଖ ନାଦରେ କମ୍ପି ଉଠୁଥାଏ ମହାମୁନିଙ୍କ ଆଶ୍ରମ । ଏହି ସମୟରେ ଦୁଇଜଣ ଅଶ୍ୱାରୋହୀ ଆସି ଯଜ୍ଞସ୍ଥଳରେ ପ୍ରବେଶି ମହର୍ଷି ବାଲ୍ମିକୀଙ୍କୁ ପ୍ରଣାମ ପୂର୍ବକ ଏକପତ୍ର ତାଙ୍କ ହସ୍ତକୁ ବଢ଼ାଇ ଦେଇଥିଲେ ।

କିଛି ସମୟ ପାଇଁ ଯଜ୍ଞସ୍ଥଳରେ ନିରବତା ବିରାଜିଥିଲା । ମହର୍ଷି ବାଲ୍ମିକୀ ପତ୍ର ବାହକଙ୍କୁ ତାଙ୍କ ପରିଚୟ ମାଗନ୍ତେ, ସେମାନେ କହିଥିଲେ ଆମେ ଅଯୋଧ୍ୟାର ଦୂତ । ଅଯୋଧ୍ୟାର ରାଜା ପୁରୁଷୋତ୍ତମ ରାମଚନ୍ଦ୍ର ଏକ ଅଶ୍ୱମେଧ ଯଜ୍ଞର ଆୟୋଜନ ନୈମିଷା ଅରଣ୍ୟରେ କରୁଛନ୍ତି । ସେଥିପାଇଁ ସେ ଆପଣଙ୍କ ସହିତ ଆପଣଙ୍କ ଆଶ୍ରମବାସୀଙ୍କୁ ଆମନ୍ତ୍ରଣ ଜଣାଇଛନ୍ତି । ପତ୍ରଦାନ କରି ପତ୍ରବାହକ ବିଦାୟ ନେଇଥିଲେ ।

ଅଯୋଧ୍ୟାର ରାଜା ଅଶ୍ୱମେଧ ଯଜ୍ଞ କରୁଛନ୍ତି ଏକଥା ଦେବୀ ଜାନକୀଙ୍କ କର୍ଣ୍ଣରେ କହ୍ୱରିତ ହୁଅନ୍ତେ, ସେ ଚମକି ଉଠିଥିଲେ । ପ୍ରଭୁ ତାଙ୍କର ଅଶ୍ୱମେଧ ଯଜ୍ଞ କରୁଛନ୍ତି ଅଥଚ ସେ.... । ନା ଆଉ ଭାବିପାରିଲେ ନାହିଁ ସେ । ଅଜାଣତରେ ତାଙ୍କ ଚକ୍ଷୁରୁ ଲୋତକ ବହି ଆସିଥିଲା । ବସିବା ସ୍ଥାନରୁ ଉଠି ଆସିବା ପାଇଁ ଚେଷ୍ଟା କରୁଥିଲେ ବି ସେ ଉଠି ଆସିପାରୁ ନଥିଲେ ।

ଏହି ସମୟରେ ମହର୍ଷି ବିଶ୍ୱାମିତ୍ର କହି ପକାଇଲେ, 'ରାମ ଆମର ଅଶ୍ୱମେଧ ଯଜ୍ଞ କରୁଛି ମହର୍ଷି ବାଲ୍ମିକୀ । ଏ କଥା ମୁଁ ଜାଣେ । ମହର୍ଷି ବଶିଷ୍ଠ ବି ଜାଣନ୍ତି ।' ଆଉ ମାତ୍ର ପାଞ୍ଚଦିନ ପରେ ନୈମିଷାଅରଣ୍ୟରେ ସେ ଯଜ୍ଞ ଆରମ୍ଭ ହେବ । ଏକ ବର୍ଷ ଧରି ସେ ଯଜ୍ଞ ଚାଲିବ । ସେଥିପାଇଁ ଶ୍ରୀରାମ ବିରାଟ ଆୟୋଜନ କରିଛନ୍ତି । ସେ ସମ୍ପର୍କରେ ଆମେ ପରେ ଆଲୋଚନା କରିବା । ଏବେ ଯଜ୍ଞ କାର୍ଯ୍ୟ ଶେଷ କରନ୍ତୁ ।

ଯଥାବିଧି ଯଜ୍ଞ କାର୍ଯ୍ୟ ଶେଷ ହେଲା । ଲବ କୁଶ ଯଜ୍ଞବେଦୀ ପ୍ରଦକ୍ଷିଣ କରି ସମସ୍ତ ମୁନିଋଷିଙ୍କୁ ପ୍ରଣାମ କରି ତାଙ୍କଠାରୁ ଆଶିଷ ଗ୍ରହଣ ପୂର୍ବକ ମାତା ତପସ୍ୱିନୀଙ୍କୁ ଆସି ପ୍ରଣାମ କରନ୍ତେ, ଭୋ ଭୋ ହୋଇ କାନ୍ଦି ପୁତ୍ର ଦୁଇଙ୍କୁ କୋଳକରି ତାଙ୍କ ଶିରଚୁମ୍ବନ କରି ସୀତାଦେବୀ କହିଥିଲେ ଯଶସ୍ୱୀ ହୁଅ ପୁତ୍ର, ଦୀର୍ଘାୟୁ ହୁଅ । ସାରା ଜଗତରେ ତୁମ ନାମ, ଗୁଣ, ଯଶ, ଖ୍ୟାତି ବ୍ୟାପୀ ଯାଉ । ପୁତ୍ରମାନଙ୍କୁ ଆଶୀର୍ବାଦ କରି ସୀତାଦେବୀ ସହସା ସେ ସ୍ଥାନ ଛାଡ଼ି ଯାଇ କୁଟୀର ଭିତରେ ପ୍ରବେଶି ଦ୍ୱାର ବନ୍ଦକରି ଅଶ୍ରୁବର୍ଜନ କରିବାକୁ ଲାଗିଲେ । ହୃଦୟ ତାଙ୍କର ମନ୍ଥି ହୋଇ ଯାଉଥାଏ । ସ୍ୱାମୀ ତାଙ୍କର ଏତେବଡ଼ ଯଜ୍ଞର ଆୟୋଜନ କରିଛନ୍ତି । ଏତେଦିନ ଧରି ସେ ଯଜ୍ଞ ଚାଲିବ । ସହସ୍ର ସହସ୍ର ସଂଖ୍ୟାରେ ମୁନି, ଋଷି, ସାଧୁ, ସନ୍ଥ, ରାଜା, ମହାରାଜା, ଜନ ପ୍ରଜା ସବୁ ନିମନ୍ତ୍ରିତ ହୋଇ ଆସିବେ ସେ ଯଜ୍ଞ ଦେଖିବାକୁ । ଅଯୋଧ୍ୟାର ସମସ୍ତ ନରନାରୀ, ତାଙ୍କ ତିନି ଶାଶୁ, ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ସମସ୍ତେ ଆସିବେ, ଅଥଚ ସେ ଅଯୋଧ୍ୟାର ରାଜବଧୂ ହୋଇ ବି ଯଜ୍ଞସ୍ଥଳକୁ ଯାଇପାରିବେ ନାହିଁ । ସ୍ୱାମୀ ତାଙ୍କର ଏକାକୀ ଯଜ୍ଞବେଦୀରେ ବସିବେ, ଅଥଚ ସ୍ତ୍ରୀ ହୋଇ ସେ ତାଙ୍କର ବାମାଙ୍ଗକୁ ମଣ୍ଡନ କରିପାରିବେ ନାହିଁ । ଧନ୍ୟରେ ବିଧାତା, ଧନ୍ୟ ତୋର ବିଧି । ହେ ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ, ଆପଣ କ'ଣ ଏତେ ନିର୍ଦ୍ଦୟ ହୋଇଗଲେ ପ୍ରଭୁ । ସହସ୍ର ସହସ୍ର ସଂଖ୍ୟାରେ ଲୋକଙ୍କୁ ଆପଣ ନିମନ୍ତ୍ରଣ କରିବେ ଅଥଚ ଏ ହିନୀମାନିକୁ ଆପଣ ଡାକିଲେ ନାହିଁ । ସତରେ କ'ଣ ମୁଁ ଅପରାଧିନୀ ପ୍ରଭୁ ? ସତରେ କ'ଣ ଆପଣ ଆପଣଙ୍କ ସୀତାକୁ ଅବିଶ୍ୱାସ କରୁଛନ୍ତି ? କାନ୍ଦିକାନ୍ଦି ଅଥୟ ହୋଇ ପଡୁଥାନ୍ତି ସୀତାଦେବୀ। ପାଖରେ ସାନ୍ତ୍ୱନା ଦେବାକୁ କେହି ନାହାନ୍ତି ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ଚିନ୍ତନ

# ବାପା, ପାପା, ଅବ୍ବୁ, ଡାଡି

**ସୁଧାଂଶୁ ଶେଖର ଦ୍ୱିବେଦୀ**

ପ୍ରତିବର୍ଷ ଜୁନ୍ ମାସ ତୃତୀୟ ରବିବାରରେ ପିତାମାନଙ୍କ ସମ୍ମାନ ନିମନ୍ତେ ପୂରା ବିଶ୍ୱରେ ଫାଦର୍ସ ଡେ' ଅର୍ଥାତ୍ ପିତୃ ଦିବସ ପାଳନ କରାଯାଏ।୧୯୧୦ ମସିହା ଜୁନ୍ ମାସ ୧୯ ତାରିଖରେ ଏହି ଦିବସ ପାଳନ କରିବାର ପରମ୍ପରା ଆରମ୍ଭ ହୋଇଥିଲା।ମଦର୍ସ ଡେ'ରୁ ପ୍ରେରଣା ପାଇ ଫାଦର୍ସ ଡେ' କରିବାକୁ ୧୯୬୬ ମସିହାରେ ଆମେରିକାର ରାଷ୍ଟ୍ରପତି ଲିଣ୍ଡନ୍ ଜନସନ୍ ଜୁନ୍ ମାସର ତୃତୀୟ ରବିବାର ପାଳନ କରିବାର ପରମ୍ପରା ଆରମ୍ଭ କରିଥିଲେ।କିନ୍ତୁ ଏହା ସରକାରୀ ସ୍ତରରେ ୧୯୭୨ ମସିହାରେ ମାନ୍ୟତା ମିଳିଥିଲା।

ଜନ୍ମଦାତା ପିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଭାବନାତ୍ମକ ପ୍ରତୀକ ହେଉଛି ପିତୃ ଦିବସ।ଭଙ୍ଗା ଗଢ଼ା ସଂସାର ମଧ୍ୟରେ ପିତାଙ୍କ ସମ୍ପର୍କ ଆଜିର ଦିନରେ ବି ଅକ୍ଷୁର୍ଣ୍ଣ ଅଛି। ଏହିପରି ଅମୂଲମୂଲ ସମ୍ପର୍କର ଗାଥା ଏଭଳି ଯେ ପିତାଙ୍କ ନିକଟରେ ଥିବାକ୍ଷଣି ସନ୍ତାନକୁ ଅନୁଭବ ହୁଏ ଯେମିତି ସେ କୌଣସି ବଟବୃକ୍ଷର ଛାଇରେ ଛିଡା ହୋଇଛି। ତାକୁ ଏକ ଅଭେଦ୍ୟ କବଚ ମିଳିଯାଇଛି, ଯାହାର ସହ ଯୋଗରେ ଦୁନିଆର କୌଣସି ବ୍ୟକ୍ତି ତାକୁ ଭେଦନ କରିପାରିବ ନାହିଁ। ଆଧୁନିକତା ସମୟରେ ସମ୍ପର୍କ ଭାଙ୍ଗି ପଡୁଛି। ବିଚ୍ଛିନ୍ନ ହୋଇଯାଉଛି ନିଜର ନିଜତ୍ୱ। ତଥାପି ପିତା ଭଳି ଏକ ସମ୍ପର୍କ ସବୁଠି ସବୁଆଡେ ମହତ୍ତ୍ୱପୂର୍ଣ୍ଣ ଗରିମା ବଜାୟ ରଖିଛି। ହୁଏତ ସମୟ ସହିତ ଏହି ସମ୍ପର୍କର ପରିବର୍ତ୍ତନ ହୋଇଛି ପରନ୍ତୁ ଆଜି ବି ଦୁନିଆର ଯେ କୌଣସି ସ୍ଥାନରେ ପିତାଙ୍କୁ ସମ୍ମାନ ତଥା ଗୁରୁଜନ ଭାବେ ଦେଖି ଥ'ନ୍ତି।ଜୀବନରେ ସନ୍ତାନ ପ୍ରତି ଯାହାଙ୍କର ସବୁଠୁ ବେଶୀ ପ୍ରଭାବ ପଡିଥାଏ ସେ ହେଉଛନ୍ତି ପିତା। ପିତାଙ୍କର ମହତ୍ତ୍ୱ ଭାରତବର୍ଷରେ ଯେତେ, ସେତେ ଆକାଶଠାରୁ ଉଚ୍ଚ ହୋଇଥାଏ।ପିତା ଆଜି ବି ନିଜ ସନ୍ତାନ ଆଖିରେ ହୀରୋ ଭଳି ପ୍ରତୀତ ହୋଇଥା'ନ୍ତି।

ବାପା, ପାପା, ଆବ୍ବୁ, ଡାଡି-ଏହିପରି ନାମ ସମୂହର ଏଭଳି ଏକ ବ୍ୟକ୍ତିତ୍ୱ ଯାହାଙ୍କ ପାଇଁ ପୂରା ପରିବାର ଆଖି ବନ୍ଦ କରି ବିଶ୍ୱାସ କରିବା ଶିଖିଥାଏ।ପିତା ନିଜ ସନ୍ତାନର ସୁରକ୍ଷା ନିମନ୍ତେ କଠିନରୁ କଠିନ କଷଣ ସହିଯାଆନ୍ତି।ସନ୍ତାନର ଭବିଷ୍ୟତ,ସନ୍ତାନର ଆଶା- ଆକାଂକ୍ଷା,ସନ୍ତାନର ସୁଖ-ଶାନ୍ତି ପାଇଁ ପିତା କିଛି ବି କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଇତିହାସ ପୃଷ୍ଠାରେ ଏଭଳି ଅନେକ ଉଦାହରଣ ଲିପିବଦ୍ଧ ହୋଇ ରହିଛି।

ଧୃତରାଷ୍ଟ୍ର ହୁଅନ୍ତୁ ଅବା ଦଶରଥ, ବସୁଦେବ ହୁଅନ୍ତୁ ଅବା ମୋତିଲାଲ ନେହେରୁ, ଆବ୍ରାହିମ ଲିଙ୍କନ୍ ହୁଅନ୍ତୁ ଅଥବା ଓବାମା। ପ୍ରତ୍ୟେକ ପିତା ନିଜ ସନ୍ତାନର ପ୍ରତିଟି ଆବଶ୍ୟକତାକୁ ପୂରଣ କରିବାରେ ପରିକର ହୋଇଥା'ନ୍ତି।ପ୍ରତିବଦଳରେ ପିତାମାନେ ଏହା ହିଁ ଚାହିଁଥା'ନ୍ତି ତାଙ୍କ ସ୍ୱପ୍ନକୁ ସନ୍ତାନ ପୂରା କରୁ। ତଥାପି କେବେ କେବେ ନିଜ ସ୍ୱପ୍ନକୁ ସନ୍ତାନଙ୍କ ଉପରେ ନ୍ୟସ୍ତ କରିଦେଲେ ବିପରୀତ ପ୍ରତିକ୍ରିୟା ପଡିଥାଏ । ଯେମିତି ମହାଭାରତରେ ଧୃତରାଷ୍ଟ୍ର ନିଜର ଅତୃପ୍ତ ଇଚ୍ଛାକୁ ପୁତ୍ର ଦୁର୍ଯ୍ୟୋଧନ ଉପରେ ନ୍ୟସ୍ତ କରିଦେବା ପରେ ମହତ୍ତ୍ୱାକାଂକ୍ଷୀ ଦୁର୍ଯ୍ୟୋଧନ ଗୋଟେ ପରେ ଗୋଟେ ଭୁଲ କରିଚାଲିଲା। ପରିଣାମ ସ୍ୱରୂପ ନିଜର ଶହେ ଭାଇ ସହିତ ମୃତ୍ୟୁକୁ ପ୍ରାପ୍ତ ହେଲା।

ପିତା ହେବାର ଉଦ୍ଦେଶ୍ୟ ନିଜର ସ୍ୱପ୍ନକୁ ସନ୍ତାନ ଉପରେ ଲଦିଦେବା ଆଦୌ ଉଚିତ ନୁହେଁ ବରଂ ସେମାନଙ୍କୁ ଭୁଲ ଠିକ୍ ସହିତ ପରିଚିତ କରାଇବା ଅନିବାର୍ଯ୍ୟ ହୋଇଥାଏ। ଯଦି ପିତା ନିଜର ସମସ୍ତ ବିଚାର ସନ୍ତାନ ଉପରେ ଲଦିଦେବ ତାହେଲେ ପିତାର ବ୍ୟକ୍ତିତ୍ୱ କୁଣ୍ଠିତ ହୋଇଯାଏ। କେହିବି ବିଚାରଶୀଳ ପିତା ଏପରି ହେବାକୁ ଚାହିଁ ନଥାନ୍ତି।ତେବେ ସନ୍ତାନର ବି କର୍ତ୍ତବ୍ୟ ହେବା ଆବଶ୍ୟକ ଜନ୍ମ ଦେଇଥିବା ପିତାଙ୍କର ପ୍ରତିଟି ଖୁସିକୁ ସାକାର କରିବ। ପ୍ରାୟତଃ ଦେଖିବାକୁ ମିଳେ ଅଧିକାଂଶ ପରିବାରରେ ସନ୍ତାନ ବଡ଼ ହେବା ପରେ ପିତାଙ୍କଠାରୁ ଦୂରତା ବଢିଯାଇଥାଏ। ତା'ର କାରଣ ମା' ଅପେକ୍ଷା ପିତା କଠୋର ସ୍ୱଭାବ ହୋଇଥାନ୍ତି। ସାଧାରଣତଃ ପିତା ସନ୍ତାନର ପ୍ରତିଟି କଥା ଓ କାର୍ଯ୍ୟକୁ ସହଜରେ ସ୍ୱୀକାର କରନ୍ତି ନାହିଁ । ପ୍ରତିଟି କଥା ଓ କାର୍ଯ୍ୟ ନିମନ୍ତେ ଏକ ସ୍ପଷ୍ଟୀକରଣ ଚାହିଁଥାନ୍ତି। ପିତା ତାର୍କିକ ହୋଇଥାନ୍ତି କିନ୍ତୁ ଭିତରେ ସ୍ୱାଦିଷ୍ଟ ନଡ଼ିଆ ଅଥବା କ୍ରିମ୍ ରୋଲ ହୋଇଥାନ୍ତି। ବାହାରେ ବହୁତ କଠିନ ଭିତରେ ଅତି କୋମଳ ଓ ହିତୈଷୀ ହୋଇଥା'ନ୍ତି।

ସନ୍ତାନକୁ ବି ବୁଝିବାକୁ ହେବ ପିତା କୌଣସି ବ୍ୟାଙ୍କ୍ର ଏଟିମ କାର୍ଡ ନୁହନ୍ତି। ସେ ଯେମିତି ସନ୍ତାନର ଭାବନାକୁ ବୁଝିଥାନ୍ତି ସନ୍ତାନ ବି ସେମିତି ତାଙ୍କ ଭାବନାକୁ ବୁଝିବା ନିହିତାର୍ଥ ହୋଇଥାଏ। ଯୁବ ଅବସ୍ଥାରେ ସେ ଯେମିତି ନିଜ ସନ୍ତାନ ପ୍ରତି ସମର୍ପିତ ହୋଇଥାନ୍ତି ବୃଦ୍ଧାବସ୍ଥାରେ ସନ୍ତାନ ବି ତାଙ୍କ ପ୍ରତି ସେଭଳି ଧ୍ୟାନ ଦେବା ଦାୟିତ୍ୱ ହୋଇଥାଏ। ଜଣେ ପିତାଙ୍କୁ ଖୁସି କରିବା କୌଣସି କଠିନ କାର୍ଯ୍ୟ ନୁହେଁ। ତାଙ୍କ ପସନ୍ଦ ଅନୁଯାୟୀ କାର୍ଯ୍ୟ କଲେ, ତାଙ୍କ ମନପସନ୍ଦର ଖାଦ୍ୟ ଯୋଗାଇଦେଲେ, ସକାଳୁ ଉଠି ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ ପିତାଙ୍କର ମନ ଖୁସିରେ ଭରିଯାଏ।

ଏ ଧରିତ୍ରୀରେ ମନୁଷ୍ୟ ସଭ୍ୟତାର ବିକାଶ ଯାତ୍ରାରେ ବହୁତ କିଛି ବଦଳି ଯାଇଛି। ତଥାପି ବିଚାର ଦୃଷ୍ଟିରେ ଦେଖିଲେ ଜଣାଯାଏ ସମ୍ବେଦନା ପ୍ରକୃତିରୁ ବଦଳି ଯାଇନାହିଁ। ଯେକୌଣସି ସନ୍ତାନକୁ ଯଦି ପଚରାଯାଏ ଦୁନିଆରେ ସବୁଠୁ ବେଶୀ ପ୍ରିୟ କିଏ ତେବେ ସେ ହୁଏତ କହିବ ମା' ସବୁଠୁ ଅଧିକ ପ୍ରିୟ। ଏହା ସତ ମା' ନିଜ ସନ୍ତାନ ପ୍ରତି ମମତାମୟୀର ନିରୋଳ ଅବତାର ରୂପେ ସାରା ଦୁନିଆ ଜାଣିଛି। ମା'ଠାରେ ସନ୍ତାନର ଅଧିକ ଭାବପ୍ରବଣତାର ବୈଜ୍ଞାନିକ କାରଣ ଏହା ହୋଇପାରେ ମା' ଓ ସନ୍ତାନର ଗର୍ଭ ନାଡିର ସମ୍ପର୍କ।ସନ୍ତାନ ଧରିତ୍ରୀକୁ ଆସିବାପରେ ମା' ଶରୀର ସହିତ ତା'ର ପ୍ରଥମ ସ୍ପର୍ଶ।

ତ୍ୟାଗ, ସମର୍ପଣ ଓ ସମ୍ବେଦନାର ଅପୂର୍ବ ଉଦାହରଣ ରୂପେ ମା'ର ଛବି ଉଦ୍ଭାସିତ ହୋଇଥାଏ।ସନ୍ତାନ ପାଇଁ ମା'ର ତ୍ୟାଗକୁ ତୁଳନା କରିବା ଅସମ୍ଭବ। ପ୍ରତିବଦଳରେ ପିତାଙ୍କ ତ୍ୟାଗ ଦୁନିଆ ନୁହେଁ ସନ୍ତାନକୁ ମଧ୍ୟ ଜଣାନଥାଏ। ସନ୍ତାନର ଅନୁପସ୍ଥିତିରେ ଉପସ୍ଥିତ। ଉଚ୍ଚ ବିଚାରର ପ୍ରେରଣା ଦେଉଥିବା ପିତାଙ୍କର ଛବି ସନ୍ତାନ ପାଇଁ ଆଦ୍ୟ ଓ ସ୍ଥାୟୀ ଛବି ଅଟେ। ପିତାଙ୍କର ଏହି ଛବି ଭବିଷ୍ୟତ ସମୟରେ ସନ୍ତାନର ଆଦର୍ଶ ଆଇନା ହୋଇଥାଏ। ସେହି ଆଇନା ଭିତରୁ ସେ ତା' ସୁଖ-ଦୁଃଖର ସଂସାରକୁ ନୈତିକ ରୂପେ ଗଢ଼ିଥାଏ।ପିତା ସନ୍ତାନର ଆଦର୍ଶ ନିମନ୍ତେ ଆକାଶ ହୋଇଯାଆନ୍ତି।ଯାହା ସନ୍ତାନ ଠାରୁ ହାଜର ହଜାର କିଲୋମିଟର ଦୂରରେ ଅବସ୍ଥିତ। କିନ୍ତୁ ବିଶାଳତା ଦୃଷ୍ଟିରୁ ଏତେ ନିକଟବର୍ତ୍ତୀ କି ସନ୍ତାନର ପ୍ରତିଟି ପଦ ଯାତ୍ରାକୁ ସେ ଯେମିତି ଦୃଷ୍ଟି ରଖିଥାନ୍ତି। ଏହା ହିଁ ପିତାଙ୍କର ବିରାଟତା ଏବଂ ସନ୍ତାନ ଜୀବନର ଏକ ଭୂମିକା।


ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨


## କବିତା...



### ଶ୍ରାବଣ ଆସିଛି

**କ୍ଷମାନିଧି ଭୋଇ**

ଆଜି ଏଠି ଝିପିଝିପି ବର୍ଷାର ରାଜୁତି
କାହିଁକିନା, ଆଜି ଏଠି ଶ୍ରାବଣ ଆସିଛି।
ଆଜି ଏଠି ଭିଜା ଭିଜା ମାଟି
ଭିଜା ଭିଜା ମନ ଓ ହୃଦୟ
ଭିଜା ଭିଜା ଆକାଶ
ଭିଜା ଭିଜା ଏଠିକାର ଚାରିପାର୍ଶ୍ୱ ।

ମନ ଖୋଜେ ଆଜି
ଲାଜ ଲାଜ ପ୍ରିୟାର ସଙ୍ଗତ
ସବୁଜିମା ଭରି
ଭଲ ପାଇବାର ଇଲାକା ସର୍ବତ୍ର
କେବଳ ଶୁଣି ଶୁଣି
ବର୍ଷାର ସୁମଧୁର ସଙ୍ଗୀତ।

ଆଜି ଏଠି ବର୍ଷା ଆସିଛି ବୋଲି
ହୃଦେ ହୃଦେ ଉନ୍ମୀଳିତ
ଅସରନ୍ତି ଆଶା ଓ ଆବେଗ
ସମ୍ପ୍ରତି ଜୀବନକୁ କରି
ଏକାନ୍ତ ଭାବେ ମଧୁମୟ ।

ଦେଖ, ଆଜି କେତେ ନିବିଡ଼
ମାଟି ଓ ଆକାଶର ସମ୍ପର୍କ
ଯୁଆଡ଼େ ଦେଖିବ ସବୁଜ ଘାସଲତା
ସବୁଜ ବିଲବାଡ଼ି ଓ ସବୁଜ ବନାନୀ ।

ସେଇଥିପାଇଁ ତ,
ଆଜି ଏଠି ଖୁବ୍ ଆପଣାର
ଝରଝର ବର୍ଷାର ମନଛୁଆଁ ସଙ୍ଗୀତ ।


♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନାକଟିଦେଉଳ
ଜି: ସମ୍ବଲପୁର ( ଓଡ଼ିଶା )
ପିନ୍ : ୭୬୮୧୧୮
ମୋ : ୯୪୩୮୨୯୨୯୩୩


### ଡାକବାଲା

**ସୁମିତା ବେହେରା**



ମୁଁ ଗୋଟେ ଚଲାବୁଲା ଚହଳ
କାହାପାଇଁ ନୀରବ କୋଳାହଳ
ଫୁସଫାସ୍ କଥାବାର୍ତ୍ତାରୁ
କୁହୁକସ୍ପର୍ଶ ଯାଏ
ସବୁବନ୍ଦ ଥାଏ ମୁଦା ଲଫାଫାରେ,
ହାତ ବଢାଇ ଧରାଇଦେଲେ
କେବେ,
ମୁଠାଏ ତାଜା ଫୁଲପରି ହସ ଫୁଟିଯାଏ
ତ କେବେ କୋହ ହୋଇ ଦିଶିଯାଏ ।
ମୋ ଭିତରେ କଡ ଲେଉଟାଏ
କିଛି ଅର୍ଥହୀନ ଦୁଃଖ ।

ମୋ ସହିତ ଛନ୍ଦି ରହିଥାଏ
ବିମର୍ଷ ଭାଗ୍ୟ, ସ୍ୱପ୍ନର ଶେଯ
ଆଉ ଥାଏ ସୁଡଙ୍ଗ ଶେଷର ଶେଷ ଅନ୍ଧାର
ଖାସ୍ ସେଇଥିପାଇଁ ତ
ମୁଁ କେହି ନୁହେଁ ନିଜର ଜାଣିବି
ଅନ୍ଧାର ତରଳି ଗଲେ
ମୋ ଦିଆ ଚିଠି ହୁଏ ଟିକିଟଦେଇ
ଗାଉଥାଏ ଲଳିତ ପ୍ରେମର
ଦରୋଟି ଅକ୍ଷର ।

ବେଳେବେଳେ ମୋତେ ଲାଗେ
ମୋ ଅଣ୍ଟିରେ ଅଛି
ପାଉଁଶ ଭିତରେ ରୁଗରୁଗ୍ କରୁଥିବା
ମୁଠାଏ ନିଆଁ,
ପଡି, କଚାଡି ତାକୁଧରି ଚାଲିଥାଏ
ତନ୍ମୟତାରେ ହାତ ବଢାଇ ଦେବାପରେ
ଦେଖେ ନିରବତାର ନାଭି ଗହ୍ୱରରୁ
ବେଦନାର ମିଶାମିଶି ଭ୍ୱାଟିଏ
ବନ୍ଧଭାଙ୍ଗି ଯିବାପାଇଁ
ବାଟ ଖୋଜୁଥାଏ ।

ମୁଁ କିନ୍ତୁ ବାଡିପାରେନି
ନିରୋଳା ଆଖିଲୁହ
ଘଣ୍ଟି ବଜାଇ, ସାଇକେଲ ଗଡାଇ
ଆଗକୁ ବଢେ ଓ ବଢୁଥାଏ
ଯଦିଓ କେଉଁଠି ମୋ ଭିତରେ
କୂଳ ଖାଉଥାଏ ସମୁଦ୍ରେ କୋହ ।


♥ ବାରିପଦା, ମୟୁରଭଞ୍ଜ
(ମୋ) ୬୩୭୨୮୫୬୯୯୪


### ଦେହ ନୁହେଁ ଦେବୀ

**ପ୍ରିୟନାଥ ପାଣି**



ଭୃଣରୁ ଭୂମିଷ୍ଠ
ଭୂମିଷ୍ଠରୁ ଡେଣା ମେଲି
ଉଡିବାର ପରେ
ଲୁବ୍ଧକର ଚକ୍ଷୁଦ୍ୱୟ
ଘୂରିବୁଲେ ତା' ଚାରିପାଖେ
କଅଁଳ ସ୍ୱପ୍ନକୁ ଛିନ୍‌ତାୟୀ କରି
ଚକା ପାରି ବସିପଡେ
ସମାଜ ପିଠିରେ
ଝାଡିଝୁଡି ସ୍ଥିତପ୍ରଜ୍ଞ, ସନ୍ଥ,
ଅବତାରୀ
ସାଉଁଟେ ସ୍ତୁତି କିଛି
ଲୋକାରଣ୍ୟ ଭିତରେ।

ଦେହ ପ୍ରତି ମୋହ ଏତେ
କେତେଦିନ ସରସର ହେଉଥିବ
ପିଛିଳ କାମନାରେ
ଉଗ୍ର ହେଉଥିବେ ସୁପ୍ତ ଇନ୍ଦ୍ରିୟଗଣ
ଜଳି ପୋଡି ଯାଉଥିବ
ମୋହିନୀର ବେଶ,ବାସ
ପାପୀର ଆଘ୍ରାଣେ ।

ସେ ଗର୍ଭସ୍ଥ ହେବା କି ପାପ
ଜରାୟୁକୁ ନିମନ୍ତ୍ରିତ ହେବା
କି ଦୁର୍ବଳ ମୁହୂର୍ତ୍ତର ସାକ୍ଷୀ
ତେବେ କେମିତି ପୁଷ୍ପିତ ହେବ ଏ ଧରା
କିଏ ଆଉ ଗଢିଦେବ ଦେବଶିଶୁ
ସେ ଯଦି ଆତ୍ମାହୁତି ଦିଏ ।

ଅନ୍ତତଃ ଥରଟେ ଏମିତି ହୁଅନ୍ତା
ପୁରୁଷର ଚକ୍ଷୁଦ୍ୱୟ ଯଦି ବିକଳାଙ୍ଗ ହୁଅନ୍ତା
ନିଶ୍ଚୟ ଦେବୀର ଦେହଟା
ମନ୍ଦିର ପରି ମନୋରମ ଦିଶନ୍ତା ।


♥ କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧


### ସୁଖ

**ସ୍ନିଗ୍ଧା ପଣ୍ଡା**



ଦିନେ ଜିଏଁ କି ବର୍ଷଟିଏ
ପାଏ କି ହରାଏ
ଦୁଃଖୀ ଜମା ହେବି ନାହିଁ
ସୁଖ ଖୋଜିବାକୁ ସୁଖ ପାଇବାକୁ
ଯା' ଠାରୁ ଆଉ ସଳଖ ବାଟଟି
ମତେ ଯେଣୁ ଜଣାନାହିଁ ।

ଦୁଃଖ ତ ଅସରା ଲାଗେ ସବୁଦିନ
ମନପ୍ରାଣ ଦହୁଥାଏ
ସୁଖ ଆସେ ଯେବେ ହାତ ପାଆନ୍ତାକୁ
ଆରକ୍ଷଣେ ଚାଲିଯାଏ ।

ଚାଲିଗଲା ପରେ ତଥାପି ସୁଖକୁ
ମନେ ରଖି ହସୁଥିବି
ଦୁଃଖ ମୋର ଭୁଲୁଥିବି
ପଚାରୁଥିବି ମୁଁ ଦୁନିଆଁରେ ଆଉ
ମୋ ଠାରୁ ସୁଖୀ କିଏ !


♥ ଗ୍ରା. ପୋ. ଲହଣ୍ଡା, ବରଗଡ଼
ମୋ-୯୮୬୧୩୨୩୬୫୦


### ଆଗରୁ ତ ଏମିତି ନଥିଲ

**ଭାଗୀରଥି ବେହେରା**



ଆଗରୁ ତ ଏମିତି ନଥିଲ
ଏବେ କେମିତି
ଉଚ୍ଛୁଳା ନଈପରି ଭାଙ୍ଗୁଛ ଘାଇ
ଛନଛନିଆ ହରିଣୀ ପରି
ବୁଲୁଛ ବନସ୍ତ ବନସ୍ତ
ଗୁଜୁରୁଥିବା ଘାସ ପରି
ମାଲୁଛ ଏପଟ ସେପଟ
ଏବେ ପାଲଟିଛ ଗଛର ଛାଇ
ଛାଇର ସଂସାରରେ ଲୁଚିଛ ଯାଇ ?

ଆଗରୁ ତ ଏମିତି ନଥିଲ
ଏବେ କାହିଁକି
ଚହକୁଛ ପକ୍ଷୀପରି ଡାଳରେ ଥାଇ
ମହକୁଥିବା ଧୂପ ପରି
ପ୍ରସାରିତ ହେଉଛ ପରସ୍ତ ପରସ୍ତ
ଲୋଚାକୁଚା ହେଇ ଯାଉଛ
କାଗଜ ପରି
ଏବେ ପାଲଟିଛ କୁଞ୍ଜବନେ ରାଇ
କେଉଁ ବୃନ୍ଦାବନେ ଦୋହଲୁଛ ଯାଇ ?

ଆଗରୁ ତ ଏମିତି ନଥିଲ
ଏବେ କେଉଁଠି
ହଜି ଯାଉଛି ତୁମ ଅମାନିଆ ମନ
ବାଟ ହୁଡିଛ ଆଉ କାହାର ସ୍ୱପ୍ନ ପାଇଁ
ଏଠି ସେଠି ଘୁରି ବୁଲୁଛ ଇତସ୍ତତ
ଋଣୀ ହେଇ ଯାଇଛ ଆଉ କାହାର
ଗରମ ନିଃଶ୍ୱାସେ
ଏବେ ପାଲଟିଛ ଭାଙ୍ଗି ଯାଉଥିବା ଘାଇ
ଆକଟରେ ରଖିପାରିଲନି ଉଚ୍ଛୁଳା ନଈ ?


♥ ସମ୍ପାଦକ -ଗଞ୍ଜାମର କବିତାଘର
ବାରିବନ୍ଧ, ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ -୭୬୦୦୧୦
(ମୋ) -୮୭୬୩୨୦୨୬୨୨


### ପାଲଟା ପଶା

**ସୁସ୍ମିତା ମହାପାତ୍ର**



ମୁଁ ଜାଣେ, ଉଠିବୁ ତୁ
ଫୁଟିବୁ, ଚହଟିବୁ
ପୁଣି କଅଁଳିବ ତୋ ଉଜୁଡ଼ା କ୍ଷେତ
ଗାଇବୁ ତୁ, ନାଚିବୁ ତୁ
ତୋହରି ନିଃଶ୍ୱାସରୁ ବହିବ ପୁଣି
ଅଣଚାଶ ବାତ।

ଏଇ ନେ
ତୋହରି ରକ୍ତରେ ରଞ୍ଜିତ ଏ ପଟି
ବାନ୍ଧ୍ ଶିରରେ, ଉତାରି ଦେ
ଘନ ବାଦଲର ଛିଟ ଛାଇ ଆଭରଣ
ପିନ୍ଧି ନେ ସୁନେଲୀ ସକାଳର
ରକ୍ତଜବା ଆଭୂଷଣ।

ମେଘ ଦେହେ ଏକାକାର କରି ନିଗାଡ଼ି ଦେ
ତୋ ଛାତିର ଆଉଟା କୋହ ଯେତେ
କିଏ ଜାଣେ
ଜମାଟ ବାନ୍ଧିବାକୁ ଆଉ କେତେ କ୍ଷଣ ?

ଜଣ ଜଣ କରି ଚିହ୍ନି ନେ ସଭିଙ୍କୁ
ଆଜି ତୋ ହାତରେ ବାଜି
ପାରିବୁ ତ ଶିଖି ନେ ହାତ ସଫେଇ
ପଲଟେଇ ଦେ ପଶା,
ଅଦିନ ଘୂର୍ଣ୍ଣିରେ ଘାରି ହେଉ
ତୋ କଅଁଳ ଛାତିର ମାଂସଭକ୍ଷୀ,
କଳେ ବଳେ ଲୁଟିନେ
ତା' ଆଦିମ ଭୋକ,
ସାମାଜ ଆଖିରୁ ଓହ୍ଲାଇ ଦେ
ତା' ଛଦ୍ମ ଭେକ।

ପାଲଟି ଯା କାଳୀ,
ଉଠା ତ୍ରିଶୂଳ ଆଜି ତୋର ପାଳି।



♥ ରାଉରକେଲା
(ମୋ) ୯୪୩୭୫୦୩୧୩୮

# ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ହେଲେ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଓଡ଼ିଆଙ୍କ ମନରେ ରୁଚି ସୃଷ୍ଟି କରିବାକୁ ପଡ଼ିବ : ସହଦେବ ସାହୁ

**ସହଦେବ ସାହୁ**

ଓଡିଆ ଗଳ୍ପ ଜଗତର ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ । ସେ କେବଳ ଗଳ୍ପ କି ଉପନ୍ୟାସ ଲେଖି ନାହାନ୍ତି, ଦୁଇଟି ଆତ୍ମଜୀବନୀ ସହ ଇଂରାଜୀରେ ଚାରୋଟି ପୁସ୍ତକ ଲେଖି ସେ ପ୍ରମାଣିତ କରିସାରିଛନ୍ତି ନିଜର ପାରଦର୍ଶିତା । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସର୍ଜନଶୀଳ ସ୍ରଷ୍ଟା ଭାବରେ । ଜୀବନର ବାସ୍ତବ ଅନୁଭବ ଦୃଶ୍ୟମାନ ହୁଏ ତାଙ୍କ ସୃଷ୍ଟିରେ । 'ସାହିତ୍ୟ ମଣିଷକୁ ସଚେତନ କରାଏ, ପରିବର୍ତ୍ତନର କ୍ଷେତ୍ର ପ୍ରସ୍ତୁତ କରାଏ' ବୋଲି କହୁଥିବା କଥାକାରଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ




■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୋର ଜନ୍ମ ଏକ ନିପଟ ମଫସଲ ଗାଆଁରେ କିଂତୁ ମୋ ପିଲାଦିନେ ଆମ ଅଂଚଳରେ ସାଂସ୍କୃତିକ, ସାହିତ୍ୟିକ ପରିବେଶ ଥିଲା । ଆମ ଗାଆଁଠାରୁ ଦଶ ବାର କିଲୋମିଟର ଦୂରରେ ବୈଷ୍ଣବ ପାଣିଙ୍କ ଜନ୍ମସ୍ଥାନ, ଛଅସାତ କିଲୋମିଟର ଦୂରରେ ନନ୍ଦ କିଶୋର ବଳଙ୍କ ଗାଆଁ । ଅନ୍ୟ ପଟରେ ଆଠ ନଅ କିଲୋମିଟର ଦୂରରେ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ଜନ୍ମସ୍ଥାନ । ମୋର ପିଲାଦିନେ ପ୍ରତିବର୍ଷ ବୈଷ୍ଣବ ପାଣିଙ୍କର ଗୀତିନାଟ୍ୟ ପ୍ରତିଯୋଗିତା ହେଉଥିଲା ଏବଂ ଆମ ଗାଆଁ ମଧ୍ୟ ସେଥିରେ ଭାଗ ନେଉଥିଲା । ଗାଆଁରେ ପ୍ରତିବର୍ଷ ଯାତ୍ରା, ଦାସକାଠିଆ, ପାଲା ହୁଏ । ଏପରି ପରିବେଶ ମୋ ମନରେ ସାହିତ୍ୟ, ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିଥିଲା । ମୁଁ ପିଲାଦିନରୁ ମୋ ବାପାମାଆଙ୍କ ପାଖରେ ରହୁ ନଥିଲି, ଜଣେ ସଂପର୍କୀୟଙ୍କ ପାଖରେ ରହୁଥିଲି । ପିଲା ଦିନରୁ ମୋ ଭିତରେ ନିଃସଙ୍ଗତା ଥିଲା ଏବଂ ମୋର ନିଃସଙ୍ଗତାକୁ ଦୂର କରିବାକୁ ମୁଁ ନିଜକୁ ବହି ଜଗତରେ ହଜେଇ ଦେଇଥିଲି । ମୁଁ ବହୁତ ବହି ପଢୁଥିଲି ଏବଂ ସାଧାରଣ ଲୋକଙ୍କ ସହିତ ମିଶୁଥିଲି । ମୋର ପ୍ରଥମ ଗପ ଓ କବିତା ୧୯୭୫ ମସିହାରେ କଲେଜର ପ୍ରଥମ ବର୍ଷରେ ମୁଁ ଲେଖିଥିଲି। ଗପଟି ଜଣେ ଠିକା ପିଅନ ଉପରେ ଲେଖାଯାଇଥିଲା । ସେହି ପିଅନ ସ୍କୁଲରେ ମାସକୁ ୩୦ଟଙ୍କାରେ କାମ କରୁଥିଲା। ସେତେବେଳେ ଚାଉଳ କେଜିର ମୂଲ୍ୟ ଏକ ଟଙ୍କା ଥିଲା। ଗପଟି ଭଦ୍ରକ କଲେଜର ପଶ୍ଚିମ ଛାତ୍ରାବାସର ପତ୍ରିକାରେ ପ୍ରକାଶିତ ହୋଇଥିଲା।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**


■■ ପିଲାଦିନେ ମୋର ପରିବେଶ ଓ ପରିସ୍ଥିତି ମତେ ପ୍ରେରିତ କରିଥିଲା ଲେଖାଲେଖି କରିବାକୁ । ଆମ ଗାଆଁ ଧୋଇଆ ଅଞ୍ଚଳରେ, ପ୍ରାୟ ପ୍ରତିବର୍ଷ ବନ୍ୟା ଆସୁଥିଲା ଏବଂ ଫସଲ ଧୋଇ ହୋଇଯାଉଥିଲା। ଦାରିଦ୍ର୍ୟ ପରିବେଶରେ ମୁଁ ବଢ଼ିଥିଲି । ଦାରିଦ୍ର୍ୟକୁ ମୁଁ ପ୍ରତ୍ୟକ୍ଷ କରିଛି, ସାମାଜିକ ଅନ୍ୟାୟ, ଅସମାନତାକୁ ଦେଖିଛି । ମୋର ପୁସ୍ତକ ଅଧ୍ୟୟନ ଅଭ୍ୟାସ ସାମାଜିକ ନ୍ୟାୟ, ଅସମାନତାକୁ ସଚେତନ କରେଇଦେଇଛି। ମୁଁ ସ୍କୁଲରେ ତିନିଜଣ ଶିକ୍ଷକଙ୍କ ଘନିଷ୍ଠ ସଂସ୍ପର୍ଶରେ ଆସିଥିଲି । କାଳିନ୍ଦୀ ଚରଣ ଜେନା, କାଳିନ୍ଦୀ ଚରଣ ସାହୁ ଏବଂ ନେତ୍ରାନନ୍ଦ ମହାନ୍ତି । କାଳିନ୍ଦୀ ଜେନାଙ୍କର 'ବାମପନ୍ଥୀ' ଚିନ୍ତାଧାରା, ସେ ପଢୁଥିଲେ ଏବଂ ମତେ ପଢ଼ିବାକୁ ପ୍ରଭାବିତ କରୁଥିଲେ । ତାଙ୍କରି ସଂସ୍ପର୍ଶରେ ଆସି ସ୍କୁଲରେ ପଢ଼ିଲା ବେଳେ ମୁଁ ଗୋଟିଏ ବାମପନ୍ଥୀ ଦଳର ସଭ୍ୟ ହୋଇଯାଇଥିଲି ଏବଂ ଦଳ କାମ କରୁଥିଲି । କାଳିନ୍ଦୀ ସାହୁ ଗୀତ ବୋଲୁଥିଲେ, ହାରମୋନିୟମ ତବଲା ବଜଉଥିଲେ । ନେତ୍ରାନନ୍ଦ ମହାନ୍ତି ଗୀତ କବିତା ଲେଖୁଥିଲେ, ମୁଁ ଏକାଦଶ ଶ୍ରେଣୀରେ ପଢ଼ିଲାବେଳେ ସ୍କୁଲରେ ଡ୍ରାମା ହୋଇଥିଲା । ନେତ୍ରାନନ୍ଦ ମହାନ୍ତି ଗୋଟିଏ ନୃତ୍ୟନାଟିକା ଲେଖିଥିଲେ, ତାହା ଅଭିନୀତ ହୋଇଥିଲା । ସେହି ନୃତ୍ୟନାଟିକା ଲେଖିବାରେ ମୁଁ ମଧ୍ୟ ସାହାଯ୍ୟ କରିଥିଲି ଏବଂ ଗୋଟିଏ ଗୀତ ଲେଖିଥିଲି। କାଳିନ୍ଦୀ ସାହୁ ନିର୍ଦ୍ଦେଶନା ଓ ଗୀତର ସ୍ୱର ଦେଇଥିଲେ। ଏହି ତିନିଜଣ ଶିକ୍ଷକଙ୍କର ପ୍ରେରଣା ଓ ପ୍ରଭାବ, ମୁଁ ଭାବୁଛି, ମୋ ଉପରେ ପଡୁଥିଲା ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ପ୍ରତ୍ୟେକ ମଣିଷ ପରି ଲେଖକ ମଧ୍ୟ ଏକ ସାମାଜିକ ପ୍ରାଣୀ। ସେ ସମାଜରେ ବାସ କରେ ଏବଂ ସାମାଜିକ ଘଟଣା, ଦୁର୍ଘଟଣା ବା ସମସ୍ୟା ଦ୍ୱାରା ପ୍ରଭାବିତ ହୁଏ । କୁହାଯାଏ, ଜଣେ ଚାହିଁଲେ ଲେଖି ପାରିବ ନାହିଁ, ଜଣଙ୍କର ଲେଖିବାର ଥିଲେ ସେ ଲେଖିବ । ଜଣଙ୍କର କହିବାକୁ ଥିଲେ ସେ କହିବ । ସମାଜରେ ଯାହା ଯାହା ଘଟୁଛି, ଯଦି ଜଣେ ଗ୍ରହଣ କରିନେଲା, ଭାବିଲା ଏସବୁ ସ୍ୱାଭାବିକ, ତେବେ ସେ ଲେଖି ପାରିବ ନାହିଁ । ନିକଟରେ କନ୍ନଡ଼ ଲେଖିକା ବାନୁ ମୁସ୍ତାକଙ୍କର ଇଂରାଜୀକୁ ଅନୁଦିତ ବହି ହୃଦୟ ପ୍ରଦୀପ (**Heart Lamp**) ଆନ୍ତର୍ଜାତିକ ବୁକର ପୁରସ୍କାର ପାଇଛି । ଏହି ବହିରେ ଥିବା ବାରଟି ଗଳ୍ପ ମୁସଲିମ୍ ସମାଜରେ ମହିଳାଙ୍କର ଦୟନୀୟ ଅବସ୍ଥା ଏବଂ ଦାରିଦ୍ର୍ୟ ସଂପର୍କରେ ଲେଖାଯାଇଛି । ଗଳ୍ପ ଗୁଡ଼ିକରେ ମୁସଲିମ ସମାଜର ପରମ୍ପରା ବିରୁଦ୍ଧରେ ତୀବ୍ର ସ୍ୱର । ବାନୁ ମୁସ୍ତାକ ନିଜେ ଜଣେ ବିଦ୍ରୋହୀ, ମୁସଲିମ ସମାଜର ପରମ୍ପରାକୁ ସେ ବିରୋଧ କରନ୍ତି, ପ୍ରତିବାଦ କରିଛନ୍ତି । ଏବେ ହିନ୍ଦୁତ୍ୱ ଉପରେ ବହୁତ ଚର୍ଚ୍ଚା ହେଉଛି, ଜଣେ ହିନ୍ଦୁତ୍ୱବାଦକୁ ସମର୍ଥନ କରିପାରେ କିମ୍ବା ବିରୋଧ କରିପାରେ । ଜଣେ ଲେଖକ ନିଜେ ସ୍ଥିର କରିବ କେଉଁଟା ସମସ୍ୟା, ସେ କାହା ଉପରେ ଗୁରୁତ୍ୱ ଦେବ। ସାହିତ୍ୟ ସମାଜକୁ ସହସା ପରିବର୍ତ୍ତନ କରିପାରେ ନାହିଁ । ସାହିତ୍ୟ ମଣିଷକୁ ସଚେତନ କରାଏ, ପରିବର୍ତ୍ତନର କ୍ଷେତ୍ର ପ୍ରସ୍ତୁତ କରାଏ । ଫରାସୀ ବିପ୍ଳବର ପୃଷ୍ଠଭୂମିରେ ତିନିଜଣ ଦାର୍ଶନିକଙ୍କ ନାମ ଆସେ, ସେମାନଙ୍କର ଭୂମିକାକୁ ସ୍ୱୀକାର କରାଯାଏ । ରୁଷୋ, ଭୋଲଟାୟାର ଏବଂ ମୋଣ୍ଟେସ୍କୁ । ଲେଖକଙ୍କ ଦ୍ୱାରା ସୃଷ୍ଟ ସାମାଜିକ ସଚେତନତା ସମସ୍ୟାର ପରିବର୍ତ୍ତନ ଆଣେ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପ ।ଉ ନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**





ପ୍ରାଣପ୍ରିୟା ପତ୍ନୀଙ୍କ ସହ କଥାକାର ସହଦେବ ସାହୁ...

■■ ହଁ, ସତ । ଲୋକସଂଖ୍ୟା ବଢ଼ିବା ତୁଳନାରେ ଓଡ଼ିଶାରେ ଓଡ଼ିଆ ବହିର ପାଠକ ସଂଖ୍ୟା ବଢୁ ନାହିଁ । କିନ୍ତୁ ପାଠକଙ୍କ ସଂଖ୍ୟା କମୁ ନାହିଁ । ଓଡ଼ିଶାର ପାଠକ ଇଂରେଜୀ ବହି ମଧ୍ୟ ପଢୁଛନ୍ତି । ଚେତନ ଭଗତଙ୍କର ଇଂରେଜୀ ବହି ଯେତେ ଓଡ଼ିଶାରେ ବିକ୍ରି ହେଉଛି, ଜଣେ ପ୍ରତିଷ୍ଠିତ ଓଡ଼ିଆ ଲେଖକଙ୍କର ଓଡ଼ିଆ ବହି ସେତେ ବିକ୍ରି ହେଉନାହିଁ । ପାଠକଙ୍କ ସଂଖ୍ୟା କମୁନାହିଁ ଓଡିଆ ବହିର ପାଠକଙ୍କ ସଂଖ୍ୟା କମୁଛି । ଆଠ, ଦଶ ବର୍ଷ ତଳେ କଟକର ମଂଗଳାବାଗରେ ଜଣେ ପତ୍ରିକା ବିକ୍ରେତା ପୂଜା ବେଳକୁ ଯେତିକି ଓଡ଼ିଆ ପୂଜା ପତ୍ରିକା ବିକ୍ରି କରୁଥିଲେ, ତା'ଠୁ ଅଧିକ ବଂଗଳା ପୂଜା ପତ୍ରିକା ବିକ୍ରି କରୁଥିଲେ । ତାଙ୍କୁ ପଚାରିବାରୁ ସେ କହିଲେ କେବଳ ବଂଗାଳୀ ନୁହନ୍ତି, ଅନେକ ଓଡ଼ିଆ ମଧ୍ୟ ବଂଗଳା ପତ୍ରିକା ପଢ଼ନ୍ତି । କଥା ହେଉଛି, ଯଦି ଜଣଙ୍କର ସାହିତ୍ୟରେ ରୁଚି ଥିବ ତେବେ ସେ ଜାଣିଥିବା ଯେଉଁ ଭାଷାରେ ଲେଖା ସାହିତ୍ୟ ପଢ଼ିବ । ଓଡ଼ିଆକୁ ଅନୁଦିତ ହୋଇଥିବା ପୁସ୍ତକ ଅପେକ୍ଷା, ସେ ଜାଣିଥିବା ମୂଳ ଭାଷାରେ ଲେଖା ବହି ପଢ଼ିବାକୁ ପସନ୍ଦ କରିବ । ଓଡ଼ିଆରେ ବହୁତ ଭଲ ବହି ଲେଖାଯାଉଛି, କିନ୍ତୁ ପାଠକେ ସେହି ବହି ବିଷୟରେ ଜାଣି ପାରୁ ନାହାନ୍ତି । ବହି ଉପରେ ଆଲୋଚନା ହେଉ ନାହିଁ । ବହିର ନିରପେକ୍ଷ ସମୀକ୍ଷା ହେଉନାହିଁ । ଓଡ଼ିଶାର କେତେଜଣ ଲେଖକ ଅଛନ୍ତି ତାଙ୍କର ବହି ବା କିଛି ବହି ଅଛି ଯାହାର ଏକାଧିକ ସଂସ୍କରଣ ହେଉଛି । ଦ୍ୱିତୀୟରେ, ବହି ସହଜରେ ପାଠକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ବହିରେ କଣ ଅଛି ଜାଣିଲେ ଏବଂ ବହି ସହଜରେ ଉପଲବ୍ଧ ହେଲେ, ନିଶ୍ଚିତ ଅଧିକ ବହି ବିକ୍ରି ହେବ ।

■ **କୁହାଯାଉଛି, ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ପୃଥିବୀରୁ ଅନେକ ଭାଷା ଲୋପ ପାଇ ଯାଉଛି । କାରଣ, ତାହା ବ୍ୟାବହାରିକ ଭାଷା ହୋଇ ରହୁନାହିଁ । ଚାକିରି ବା ରୋଜଗାର ପାଇଁ ଭାରତରେ ଇଂରେଜୀ ଭାଷା ଜାଣିବା ଆବଶ୍ୟକ । ପିତାମାତା ନିଜ ପିଲାଙ୍କୁ ସେଥିପାଇଁ ଇଂରେଜୀ ଭାଷା ମାଧ୍ୟମରେ ଶିକ୍ଷା ଦିଆଯାଉଥିବା ସ୍କୁଲରେ ପାଠ ପଢ଼ଉଛନ୍ତି । ସାହିତ୍ୟ, ସଂସ୍କୃତିରେ ସମୃଦ୍ଧ ଓଡ଼ିଆ ଭାଷା ପ୍ରତି ସେପରି ବିପଦ ନାହିଁ । ସାଢ଼େ ଚାରି କୋଟିରୁ ପାଞ୍ଚ କୋଟି ଲୋକେ ଓଡ଼ିଆ ଭାଷା ବ୍ୟବହାର କରନ୍ତି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ହେଲେ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଓଡ଼ିଆଙ୍କ ମନରେ ରୁଚି ସୃଷ୍ଟି କରିବାକୁ ପଡ଼ିବ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁରେ ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଏହାର ଆଂଶିକ ଉତ୍ତର ତିନି ନମ୍ବର ପ୍ରଶ୍ନର ଉତ୍ତରରେ ଦିଆଯାଇଛି । କୌଣସି ଅବ୍ୟବସ୍ଥା ବା ସମସ୍ୟା ଲେଖକକୁ ଆନ୍ଦୋଳିତ କଲେ ସେ ତା ଲେଖା ମାଧ୍ୟମରେ ସ୍ୱର ଉତ୍ତୋଳନ କରିବ, କିନ୍ତୁ ଲେଖକ ସମସ୍ୟାର ସମାଧାନ ସଂଗେ ସଂଗେ କରିପାରିବ ନାହିଁ। ତା'ର ଲେଖା ମାଧ୍ୟମରେ ସେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ, ଅବ୍ୟବସ୍ଥାକୁ ବିରୋଧ କରିବ । ପ୍ରତ୍ୟକ୍ଷ ନୁହେଁ, ପରୋକ୍ଷରେ ଜଣେ ଲେଖକ ପରିବର୍ତ୍ତନ ଆଣିବାକୁ ସହାୟ ହେବ ।

■ **ଗଳ୍ପ ତୁଳନାରେ ଉପନ୍ୟାସର ସଂଖ୍ୟା ବହୁତ କମ୍ । ଏମିତି କାହିଁକି ? ଏଥିପାଇଁ ପ୍ରୋତ୍ସାହନ ନା ଭିତ୍ତିଭୂମିର ଅଭାବକୁ ଦାୟୀ ଆପଣ ମନେ କରନ୍ତି ।**

■■ ପାଠକ ଏବେ ଉପନ୍ୟାସ ଅପେକ୍ଷା ଗଳ୍ପ ପଢ଼ିବାକୁ ଅଧିକ ପସନ୍ଦ କରୁଛନ୍ତି । ବୋଧହୁଏ ସମୟ ଓ ଧୈର୍ଯ୍ୟର ଅଭାବ । ବୋଧହୁଏ ସେହି କାରଣରୁ ଲେଖକମାନେ ବେଶି ଉପନ୍ୟାସ ଲେଖୁ ନାହାନ୍ତି । କିନ୍ତୁ ଏବେ ଛୋଟ ଉପନ୍ୟାସ ଲେଖାଯାଉଛି । କେତୋଟି ପତ୍ରିକା ଅଛି ପୂଜା ସମୟରେ ଉପନ୍ୟାସ ଛାପୁଛନ୍ତି, ସେହି ପତ୍ରିକା ମଧ୍ୟ ଭଲ ବିକ୍ରି ହେଉଛି । ସେହି ଉପନ୍ୟାସ ସବୁକୁ ବଡ଼ ଗଳ୍ପ କହିଲେ ବି ଚଳିବ । କିନ୍ତୁ ଏବେ ଗୋପୀନାଥ ମହାନ୍ତିଙ୍କର 'ମାଟି ମଟାଳ' ବା 'ଅମୃତର ସନ୍ତାନ' ପରି ବଡ଼ ଉପନ୍ୟାସ ଲେଖାଯାଉ ନାହିଁ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କୋଉ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଚାହିଁବେ ?**

■■ ପୁରସ୍କାର ପାଇଲେ ଲେଖକର ବହି ବିକ୍ରି ହୁଏ। ପାଠକ ଭାବେ, ପୁରସ୍କାର ପ୍ରାପ୍ତ ବହି ଅର୍ଥ ଭଲ ବହି ହୋଇଥିବ। ଅନ୍ୟ ପକ୍ଷରେ, ଯଦି ପୁରସ୍କୃତ ବହିଟି ଭଲ ହୋଇ ନଥାଏ, ପୁରସ୍କୃତ ଲେଖକର ବହି ପାଠକ ପସନ୍ଦ ନକରେ, ତେବେ ସାହିତ୍ୟର କ୍ଷତି ହୁଏ । ପାଠକ ସେହି ଲେଖକର ବହି ତ ପଢ଼ିବ ନାହିଁ, ଭାବିବ ଓଡ଼ିଆରେ ଆଉ ଭଲ ବହି ଲେଖାଯାଉ ନାହିଁ । ମୁଁ ଏହି କଥାଟି ଜଣେ ଇଂରେଜୀ ମାଧ୍ୟମରେ ଶିକ୍ଷାପ୍ରାପ୍ତ କରିଥିବା ପାଠକଙ୍କ ଉକ୍ତିକୁ ଉଦ୍ଧାର କରି କହୁଛି । ସମସ୍ତେ ସୁଖ ଶାନ୍ତିରେ ରୁହନ୍ତି, ସାମାଜିକ ସଦ୍‌ଭାବ ରହୁ, ତାହା ହିଁ ଜଣେ ସାହିତ୍ୟିକର ବାର୍ତ୍ତା ହେବା ଉଚିତ।

❤❤

■ **ଅଳ୍ପରେ ସହଦେବ ସାହୁ**

ନାମ - ସହଦେବ ସାହୁ
ଜନ୍ମ-୧୯୫୯
ଜନ୍ମସ୍ଥାନ-ଗଭୁଲୁକା, ଯାଜପୁର ଜିଲ୍ଲା

**ପ୍ରକାଶିତ ପୁସ୍ତକ:**
୧୭ଟି ଗଳ୍ପ ସଂକଳନ, ୬ଟି ଉପନ୍ୟାସ, ଦୁଇଟି ଆତ୍ମଜୀବନୀ: ଅନିଚ୍ଛୁକ ପ୍ରଶାସକ, ଆତ୍ମୀୟ ଅନାତ୍ମୀୟ, ୪ଟା ଇଂରେଜୀ ପୁସ୍ତକ




ଫକୀରମୋହନ ସାହିତ୍ୟ ପରିଷଦ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୁଅବସର.....





ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

# ମୋ ଝର୍କାରୁ ଆମେରିକା...

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

ଭାଗ-୨୮



**ଆମ ଦେଶରେ ଆମ ଚମଡାର ରଙ୍ଗକୁ ସମସ୍ତେ ହତାଦର କରନ୍ତି । ଭାବନ୍ତି ଚମଡାର ରଙ୍ଗ ଗୋରା ହେବାଟା ହେଉଛି ସୁନ୍ଦରତାର ମାପକାଠି । କିନ୍ତୁ ଆମେରିକାର ଗୋରା ଲୋକମାନେ ଚମଡାକୁ କଳା ବା ସାବନା କରିବା ପାଇଁ କେତେ ଯେ କୃଚ୍ଛ୍ର ସାଧନା କରନ୍ତି ସେକଥା ସେମାନେ ହିଁ ଜାଣନ୍ତି । ଘଣ୍ଟା ଘଣ୍ଟା ଧରି ସୂର୍ଯ୍ୟକିରଣ ତଳେ ବସିରହିବା ଠାରୁ ଆରମ୍ଭ କରି ଯୁଭି ମେସିନ ଭିତରେ ପଶିବା ଯାଏଁ କେତେ କଣ କରିଥାନ୍ତି ।**

ଆମେରିକାରେ ସାଧାରଣତଃ ୱିକଏଣ୍ଡ କହିଲେ ଶନିବାର ଓ ରବିବାରକୁ ବୁଝାଏ । କେବଳ କିଛି ଅତ୍ୟାବଶକୀୟ ସେବାକୁ ଛାଡିଦେଲେ ବାକି ସବୁ ଅଫିସ ବନ୍ଦ ରହେ ଏଇ ଦୁଇଦିନ । ମିକି, ଟିକୁ ଉଭୟଙ୍କର ଅଫିସ ଛୁଟି ସେଦିନ । କଥା ହେଲା ଶନିବାର ଦିନ ସପିଙ୍ଗ ପାଇଁ ଯିବା । ମୋ ମନରେ ବି ପ୍ରବଳ ଆଗ୍ରହ ଆମେରିକାର ଦୋକାନବଜାର ଦେଖିବା ପାଇଁ । ଝିଅ କହିଲା ଟିକେ ଶୀଘ୍ର ବାହାରି ଯିବାକୁ ହେବ କାରଣ ଗୁଡାଏ ଜିନିଷ କିଣାକିଣି କରିବାର ଅଛି । ଗୋଟେ ସୁ-ରେକ ନିହାତି ଦରକାର । ରବିବାର ତ ସେସବୁ କିଣାକିଣି କରି ହେବନି । ସେଦିନ ଦୋକାନ ସବୁ ବନ୍ଦ । ଆରେ ରବିବାର ତ ଛୁଟି ଦିନ । ଲୋକମାନେ ବେଶୀ କିଣାକିଣି କରିବାକୁ ଯିବେ । ସେଦିନ ଦୋକାନ ବନ୍ଦ କାହିଁକି ? ଝିଅ କହିଲା ଏଠାରେ ରବିବାର ଦିନ କେବଳ ଅଳ୍ପ କିଛି ଦୋକାନ ଯେମିତି କି ରେଷ୍ଟୁରାଣ୍ଟ, ଗ୍ରୋସରି ଦୋକାନକୁ ଛାଡି ଦେଲେ ଅଧିକାଂଶ ଦୋକାନ ବନ୍ଦ ରହେ । ଆମେରିକାର ଅନେକ ସ୍ଥାନରେ ଏପରି ଦେଖାଯାଏ । ବିଶେଷ କରି ନ୍ୟୁଜର୍ଶୀର ବିଭିନ୍ନ କାଉଣ୍ଟିରେ । ତାକୁ କୁହନ୍ତି ବ୍ଲୁ ଲ' ବା ନୀଳ ନିୟମ ।

ଏହି ବ୍ଲୁ ଲ' କେବଳ ଆମେରିକାରେ ନୁହେଁ କାନାଡା ଓ ୟୁରୋପରେ ମଧ ଦେଖାଯାଏ । କୁହାଯାଏ ଏହି ନିୟମର ଅଭ୍ୟୁଦୟ ହୋଇଥିଲା ଅଠରଶ ଶତାବ୍ଦୀରେ । ଶିଳ୍ପ ବିପ୍ଳବ ପରେ ଲୋକମାନେ ଚାଷକାମ ଓ କୁଟୀର ଶିଳ୍ପ ଛାଡି କାରଖାନାମାନଙ୍କରେ କାର୍ଯ୍ୟ କରିବାକୁ ଲାଗିଲେ । ଘରର ପୁରୁଷ ଓ ମହିଳା ଉଭୟ ବିଭିନ୍ନ ସଂସ୍ଥାନରେ କାମ କଲେ । ସେତେବେଳେ ସାପ୍ତାହିକ ଛୁଟି ବୋଲି କିଛି ନଥିଲା । ମାଲିକର ମର୍ଜିରେ ଛୁଟି ମିଳୁଥିଲା । ପରବର୍ତ୍ତୀ ସମୟରେ ବ୍ରିଟେନରେ ପ୍ରବର୍ତ୍ତିତ ହେଲା ରବିବାର ଛୁଟି ବ୍ୟବସ୍ଥା । ବ୍ରିଟେନରୁ ଏହା ବ୍ୟାପିଲା ବ୍ରିଟେନର ଉପନିବେଶ ଥିବା ସମସ୍ତ ଦେଶକୁ । ସେହି କ୍ରମରେ ଆଜି ବି ଆମ ଦେଶରେ ରବିବାରକୁ ଛୁଟିଦିନ ଭାବରେ ଗ୍ରହଣ କରାଯାଏ । କିନ୍ତୁ ଆଜିକାର ଯେଉଁ ସପ୍ତାହାନ୍ତ ଛୁଟି ବା ୱିକଏଣ୍ଡ ଛୁଟିର ବ୍ୟବସ୍ଥା ସାରା ପୃଥିବୀରେ ପ୍ରଚଳିତ ହେଉଛି ତାର ପ୍ରତିଷ୍ଠାତା ହେଉଛନ୍ତି ହେନେରୀ ଫୋର୍ଡ ଯିଏ ସପ୍ତାହରେ ୪୦ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟର ଉଦ୍ଭାବନ କରିଥିଲେ । ସିଏ ଆକଳନ କରି ଦେଖିଲେ ଶ୍ରମିକମାନେ କାରଖାନାରେ ଯଥାକ୍ରମେ ସପ୍ତାହକୁ ଚାଳିଶ ଘଣ୍ଟା ଓ ଅଠଚାଳିଶ ଘଣ୍ଟା କାମ କଲେ ଉତ୍ପାଦନ କ୍ଷେତ୍ରରେ ବିଶେଷ କିଛି ଫରକ ପଡୁନାହିଁ । ଅର୍ଥାତ ସପ୍ତାହ ସାରା କାମ କରି ଶନିବାର ବେଳକୁ ଲୋକମାନେ ଶାରୀରିକ ଓ ମାନସିକ ସ୍ତରରେ ଏତେ ବେଶୀ ଥକି ଯାଇଥାଆନ୍ତି ଯେ ଶନିବାର ଦିନ ସେମାନେ ସେତିକି ଆଉଟପୁଟ ଦେଇପାରନ୍ତି ନାହିଁ ଯେତିକି ଦେବା କଥା । କିନ୍ତୁ ସପ୍ତାହାନ୍ତ ଛୁଟି ପରେ ସୋମବାର ସେମାନେ ଯେତେବେଳେ କାମ କରିବାକୁ ଆସନ୍ତି, ଆସିଥାନ୍ତି ପ୍ରଚଣ୍ଡ ଉର୍ଜା ସହିତ । ଏହାକୁ ଧୀରେ ଧୀରେ ସାରା ପୃଥିବୀର ଅନ୍ୟାନ୍ୟ କର୍ମସଂସ୍ଥାନମାନେ ଆପଣେଇବାରେ ଲାଗିଲେ। ଏଥିଯୋଗୁ ଲୋକମାନେ ଖୁସିରେ କାମ କରିବାକୁ ଲାଗିଲେ । ଉତ୍ପାଦନ ମଧ ବଢିବାକୁ ଲାଗିଲା। ସବୁ କ୍ଷେତ୍ରରେ ବିକାଶ ଦେଖାଗଲା।

ଶିଳ୍ପବିପ୍ଳବ ପରେ ସମାଜର ଏକ ମହତ୍ତର ଏକକ 'ପରିବାର' ର ପରିସୀମା କ୍ରମେ ସଙ୍କୁଚିତ ହେବାକୁ ଲାଗିଲା । ଅଧିକାଂଶ ଦେଶରେ ପରିବାର ନାମକ ଏହି ପାରିବାରିକ ସଂସ୍ଥା ଭୁଷୁଡିବାକୁ ଲାଗିଲା । ପୂର୍ବରୁ ଲୋକମାନେ ଘର ପାଖାପାଖି ଚାଷ ଜମିରେ କାମ କରୁଥିଲେ କିମ୍ବା ଛୋଟମୋଟ ବ୍ୟବସାୟ କରି ପରିବାର ପ୍ରତିପାଳନ କରୁଥିଲେ । ପୁରୁଷମାନଙ୍କର କାମ ଥିଲା ପରିବାର ପ୍ରତିପୋଷଣ ପାଇଁ ରୁଟି-କପଡା- ଘରର ବନ୍ଦୋବସ୍ତ କରିବା ଓ ମହିଳାଙ୍କର କାମ ଥିଲା ଘରେ ରହି ଛୁଆପିଲା, ଘରର ବୟସ୍କ ଓ ପରିବାରର ଦେଖାଶୁଣା କରିବା । ଯାହା ଦ୍ୱାରା ପାରିବାରିକ ସନ୍ତୁଳନ ରକ୍ଷା ହୋଇ ପାରୁଥିଲା । କିନ୍ତୁ ଶିଳ୍ପ ବିପ୍ଳବ ପରେ ଏଥିରେ ପ୍ରଭୁତ ପରିବର୍ତ୍ତନ ହେଲା । ପରିବାର ସବୁ ନ୍ୟୁକ୍ଲିଅର ବା ଅଣୁ ପରିବାରରେ



ପରିବର୍ତ୍ତିତ ହେବାକୁ ଲାଗିଲା । କାରଣ ଅନ୍ନସଂସ୍ଥାନ ପାଇଁ ଲୋକମାନେ ଘର ଠାରୁ ଦୂରକୁ ଯିବାକୁ ଲାଗିଲେ । ଏହା ପରେ ଅନେକ ବ୍ୟତିକ୍ରମ ଦେଖା ଯିବାକୁ ଲାଗିଲା । ଲୋକମାନେ କ୍ରମେ ଅସଂବେଦନଶୀଳ ହେବାକୁ ଲାଗିଲେ । ପରିବାର ଭିତରେ କାହା ସହିତ କେହି ମିଳିମିଶି ରହିଲେ ନାହିଁ । ସ୍ୱେଚ୍ଛାଚାରିତା ବଢିଲା ପଶ୍ଚିମ ଦେଶମାନଙ୍କରେ । କ୍ରମେ ଲୋକମାନେ ଆଧ୍ୟାତ୍ମିକତା ଓ ପୂଜାପଦ୍ଧତି ଠାରୁ ବିମୁଖ ହେବାକୁ ଲାଗିଲେ । ସେଇ ସମୟରେ ପରିବାରକୁ ଏକାଠି ରଖିବା ପାଇଁ କିଛି କିଛି ସ୍ଥାନରେ ଆରମ୍ଭ ହେଲା ବ୍ଲୁ ଲ' ବା ନୀଳ ନିୟମ। ଏହି ନିୟମ ଅନୁସାରେ ରବିବାର ଦିନ କେବଳ ଅତ୍ୟାବଶକୀୟ ଦୋକାନକୁ ଛାଡିଦେଲେ ଯେମିତି କି ରେଷ୍ଟୁରାଣ୍ଟ, ସଉଦାପତ୍ର ଆଦିକୁ ଛାଡିଦେଲେ ବାକି ସବୁ ଦୋକାନ ବନ୍ଦ ରହିବ। ଆସବାବପତ୍ର, ଗାଡିମଟର, ଲୁଗାପଟା ଆଦି ବ୍ୟବସାୟ ବା କିଣାବିକା ଏ ଦିନ ହୋଇପାରିବ ନାହିଁ । ଆଉ ଏହାର ଉଦ୍ଦେଶ୍ୟ ଥିଲା ଲୋକମାନେ ଘରେ, ନିଜର ପରିବାର ସହିତ ସମୟ କାଟିବେ । ଏହାର ଏକ ଧାର୍ମିକ ଦିଗ ମଧ ଥିଲା । କୁହାଯାଏ ଏହି ନିୟମ ପଛରେ ଧାର୍ମିକଗୁରୁମାନଙ୍କର ଏକ ଉଦ୍ଦେଶ୍ୟ ମଧ ନିହିତ ଥିଲା । ଏହି ନିୟମ ଦ୍ୱାରା ଲୋକମାନେ ସପ୍ତାହ ଯାକର ହାଡଭଙ୍ଗା ପରିଶ୍ରମ ପରେ ରବିବାର ଦିନ ଘରେ ବିଶ୍ରାମ ନେବେ ଓ ପ୍ରଭୁଙ୍କ ଆରାଧନାରେ ଦିନ କାଟିବେ ।

ସେତେବେଳେ ଏହି ନିୟମ ଆମେରିକାରେ ମଧ ପ୍ରଚଳିତ ଥିଲା ଯାହାକୁ ଆମେରିକାର ସରକାରଙ୍କର ମଧ ସମର୍ଥନ ଥିଲା । ଯଦିଓ ଏବେ ଏହାକୁ କିଛି ରାଜ୍ୟରେ ବିରୋଧ କରାଯାଉଛି କିନ୍ତୁ ନ୍ୟୁଜର୍ଶୀରେ ଏହି ବ୍ୟବସ୍ଥା ଏବେ ବି ରହିଛି । କିନ୍ତୁ ଏବେ ଏହା ସବୁଠାରୁ କଡାକଡି ଭାବରେ ପାଳିତ ହୁଏ ନ୍ୟୁଜର୍ଶୀର ବହଗାନ କାଉଣ୍ଟିରେ ।

ବ୍ଲୁ ଲ' ଅନୁସାରେ ରବିବାର ଦିନଟି ହେଉଛି ପରିବାର ପାଇଁ । ଏହି ଦିନ ସମସ୍ତ ବ୍ୟକ୍ତି ନିଜ ପରିବାର ସହିତ କାଟିବା ଉଚିତ । ଆମେ ବି ମନେ ମନେ ସ୍ଥିର କଲୁ ରବିବାର ଦିନଟିକୁ ଘରେ କାଟିବାକୁ ।

ଶନିବାର ଦିନ ବ୍ରେକଫାଷ୍ଟ କରିସାରି ଆମେ ବାହାରିପଡିଲୁ । ମୁଁ ଏଠାକାର ୱାଲମାର୍ଟ ପରି ସୁପର ମାର୍କେଟକୁ ପୂର୍ବରୁ ଯାଇଛି ତେଣୁକରି ଆଜି ଆମେ ଫାର୍ମରସ ମାର୍କେଟ ବା କୃଷକ ବଜାରକୁ ଯିବାକୁ ସ୍ଥିର କଲୁ । ପ୍ରଥମେ ତ ମୋର ବିଶ୍ୱାସ ହେଉ ନଥିଲା ଏଠାରେ କୃଷକ ଥିବେ ବୋଲି । କିନ୍ତୁ ନ୍ୟୁଜର୍ଶୀର ଆଖପାଖରେ ବୁଲି ମୁଁ ଦେଖି ସାରିଥିଲି ଯେ ଏଠାକର କୃଷକମାନେ ଶହ ଶହ ଏକର ଜମିରେ ଚାଷ କରନ୍ତି ଓ ଗୋପାଳନ କରନ୍ତି। ସେଥିପାଇଁ ନ୍ୟୁଜର୍ଶୀକୁ 'ଗାର୍ଡେନ ଷ୍ଟେଟ' ବା 'ଉଦ୍ୟାନ ରାଜ୍ୟ' ବୋଲି ମଧ କୁହ ଯାଇଥାଏ । ଏଠାରେ



ପ୍ରଚୁର ମାତ୍ରାରେ ବ୍ଲୁବେରୀ, କ୍ରେନବେରୀ, ପିଚ, କ୍ୟାପସିକମ, ଟମାଟୋ, ବାଇଗଣ, କାକୁଡି ଇତ୍ୟାଦି ଚାଷ କରାଯାଏ । କେତେକ ସ୍ଥାନରେ ଏକର ଏକର ଧରି ସୂର୍ଯ୍ୟମୁଖୀ ଚାଷ ହୋଇଥିବାର ମଧ ମୁଁ ଦେଖିଛି । ଏଇ ସବୁ ଉତ୍ପାଦକୁ ବିକ୍ରି ପାଇଁ ଥାଏ ଫାର୍ମରସ ମାର୍କେଟ । ଏଠାରେ ଦୁଇ ପ୍ରକାରର ଫାର୍ମରସ ମାର୍କେଟ ଦେଖାଯାଏ । ଗୋଟେ ଖୋଲା-ମେଲା ବା ଓପନ ଓ ଆଉ ଗୋଟେ କ୍ଲୋଜ ଅର୍ଥାତ ଏକ ବନ୍ଦ ସ୍ଥାନରେ ଥିବା ସୁପର ମାର୍କେଟ ।

ପ୍ରାୟ ଅଧଘଣ୍ଟାର କାରଯାତ୍ରା ପରେ ଆମେ ଯାଇ ପହଞ୍ଚିଲୁ ମଣ୍ଟକ୍ଲେୟାର ଫାର୍ମରସ ମାର୍କେଟରେ । ମୁଖ୍ୟ ରାସ୍ତାରୁ ଟିକେ ଦୂରରେ ବସିଥିଲା ଏହି ମାର୍କେଟ । ଧାଡି ଧାଡି ହୋଇ ଲାଗିଥିଲା ବଡ ବଡ ଛତା । ଛତା ତଳେ ଟେବୁଲ ଉପରେ ବଡ ବଡ ବେତ ତିଆରି ଝୁଡି ଓ ପତଳା କାଠ ପଟାର ଡାବଲରେ ସଜା ହୋଇ ରଖାଯାଇଥିଲା ବିଭିନ୍ନ ପ୍ରକାର ଫଳ ଓ ପନିପରିବା । ସବୁ କିଛି ସବୁଜ ଓ ସତେଜ। ସେସବୁ ଆଖପାଖରେ ଥିବା ଚାଷ ଜମିରୁ ହିଁ ଆସିଥିଲା । ସେଠାକାର ଲୋକମାନେ ଜୈବିକ ଉପାୟରେ ଚାଷ କରନ୍ତି ନିଜ ନିଜ ଜମିରେ ଓ ସେହି ଉତ୍ପାଦକୁ ଆଣି ବିକ୍ରି କରନ୍ତି ଏଠାରେ । ମୋତେ ଆମ ଗାଁ ଓ ସହରରେ ବସୁଥିବା ସାପ୍ତାହିକ ହାଟ କଥା ମନେ ପଡୁଥିଲା ।ଏମିତି ଲୋକମାନେ ଧାଡି ଧାଡି ହୋଇ ବସି ବିକ୍ରି କରନ୍ତି ନିଜ ନିଜ ଜିନିଷକୁ।

ଗୋଟେ ଜାଗାରେ ଗଦା ହୋଇଥିଲା ବଡ ବଡ ବୋଇତିକଖାରୁ । ଆମ ଦେଶରେ ବି କଖାରୁ ମିଳେ ହେଲେ ଏଡେ ଏଡେ କଖାରୁ ........ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ଏତେ ବଡ କଖାରୁ ମୁଁ କେବେ ହେଲେ ଦେଖି ନ ଥିଲି । ୨/୩ କିଲୋ ଓଜନର କଖାରୁ ଠାରୁ ଆରମ୍ଭ କରି ୩୫/ ୪୦ କିଲୋ ଓଜନର କଖାରୁ । ସେଗୁଡିକ ଦେଖା ଯାଉଥିଲା ବଡ ବଡ ପେଣ୍ଡୁ ପରି । ମୁଁ ଭାବୁଥିଲି ଯାକୁ ନେଇ ଲୋକମାନେ କେତେ ଦିନ ଖାଉଥିବେ କେଜାଣି । ଝିଅ କହିଲା ସାଧାରଣତଃ ଏଗୁଡିକ ଖାଇବା ପାଇଁ ନୁହେଁ ହାଲୋୱିନ ପର୍ବ ପାଇଁ ବିଶେଷ ଭାବରେ ଚାଷ କରାଯାଏ ।

ଆମେରିକାରେ ପାଳିତ ହେଉଥିବା ହାଲୋୱିନ ପର୍ବ ଠିକ ଥଣ୍ଡା ଆରମ୍ଭ ହେବା ପୂର୍ବରୁ ଅକ୍ଟୋବର ମାସରେ ଅନୁଷ୍ଠିତ ହୋଇଥାଏ । ପ୍ରକୃତରେ ଏହା ଏକ ଆଇରିଶ ପର୍ବ । ଯେତେବେଳେ ବ୍ରିଟେନ ଓ ଆୟର୍ଲାଣ୍ଡର ଲୋକମାନେ ଆମେରିକା ଆସିଲେ ସେମାନେ ଏହି ପର୍ବକୁ ଆମେରିକାକୁ ନେଇ ଆସିଲେ । ଏବେ ହାଲୋୱିନ ପର୍ବ ଆମେରିକାର ଏକ ପ୍ରମୁଖ ପର୍ବ ହୋଇସାରିଛି। ଏହି ପର୍ବରେ ଜ୍ୟାକର ଲଣ୍ଠନ ତିଆରି କରାଯାଏ । ଆଇରିଶମାନେ ଏହି ଲଣ୍ଠନକୁ ଶାଲଗମରେ ତିଆରି କରୁଥିଲେ । ହେଲେ ସେମାନେ ଆମେରିକାରେ ପହଞ୍ଚିଲା ପରେ ସେଥିପାଇଁ କଖାରୁକୁ ବାଛିଲେ । ଏଥିପାଇଁ ପ୍ରଥମେ ବଡ ବଡ କଖାରୁର ଉପର ମୁଣ୍ଡକୁ ଗୋଲ କରି କାଟି ଦିଆଯାଏ । ତାପରେ କଖାରୁ ଭିତରେ ଥିବା ଶସ ଓ ମଞ୍ଜିକୁ ଗୋଟେ ଇଞ୍ଚ ଛାଡି ବାକି ତକକୁ କୋରି ବାହାର କରାଯାଏ । କଖାରୁର ଗୋଟେ ପଟକୁ ଛୁରୀରେ କାଟି ରାକ୍ଷସର ବଡ ବଡ ଗୋଲ ଆଖି, ମୁନିଆ ଦାନ୍ତ ଥିବା ପାଟି ଇତ୍ୟାଦି ତିଆରି କରାଯାଏ । ତାପରେ କଖାରୁ ଭିତରେ ରଖି ଦିଆଯାଏ ଜ୍ୱଳନ୍ତ ମହମବତୀ କିୟା କୋଇଲା, ଯାହା ଏକ ଭୀଷଣକାୟ ରକ୍ଷସର ମୁହଁ ପରି ପ୍ରତେ ହୁଏ । ଏହାକୁ ଘରର କବାଟ, ଝରକା କିମ୍ବା ପ୍ରବେଶ ପଥରେ ରଖି ଦିଆଯାଏ । କୁହାଯାଏ ଏହା ଦ୍ୱାରା ଘର ଭିତରକୁ ମନ୍ଦ ଆତ୍ମା ବା ଖରାପ ନଜର ପ୍ରବେଶ କରିପାରେ ନାହିଁ ।

ଆମେ ଗୋଟେ ଦୁଇକିଲିଆ କଖାରୁ ସହିତ କିଛି ତାଜା ପରିବା ଓ ଫଳମୂଳ କିଣିଲୁ । ମାର୍କେଟର ଶେଷ ମୁଣ୍ଡରେ ଜଣେ ବୟସ୍କା ମହିଳା ଘର ତିଆରି କେକ, ବିସ୍କୁଟ, କୁକିଜ ଆଦି ବିକ୍ରି କରୁଥିଲେ । ଆମେ ତାଙ୍କ ଠାରୁ ବାନାନା କେକ, ପମ୍ପକିନ କେକ ଓ ଚକୋଲେଟ ଚିପ କୁକିଜ କିଣିଲୁ । ମହିଳା ଜଣକ ଥିଲେ ଭାରି ମେଳାପି । ଆମକୁ ଦେଖି ସିଏ ଜାଣିଗଲେ ଆମେ ଭାରତୀୟ ବୋଲି । ଝିଅ ସହିତ ଖୁବ୍ ଗପିଲେ । ଝିଅ ମୋତେ ଚିହ୍ନେଇ ଦେଲା, 'ମୋର ମମି' କହି । ସିଏ ମୋତେ ଚାହିଁ ଦୁଇ ହାତ ଯୋଡି ,ମୁଣ୍ଡ ନୁଆଁଇ 'ନମଷ୍ଟେ' ବୋଲି କହିଲେ । ମୁଁ ବି ମୁଣ୍ଡ ନୁଆଁଇ 'ନମସ୍କାର' କହିଲି । ସିଏ କହି ଚାଲିଥିଲେ, 'ଭାରତୀୟମାନେ ଖୁବ ଭଲ । ତୁମେ ମାଆଝିଅ ଭାରତୀୟ ପୋଷାକରେ ବଢିଆ ଦିଶୁଛ । ତୁମମାନଙ୍କର ଦେହର ଚମଡା ଓ ଚୁଟି ଖୁବ ଭଲ ଇତ୍ୟାଦି ଇତ୍ୟାଦି।'

ଆମେ ତାଙ୍କ ପାଖରୁ ଫେରିଲା ବେଳେ ମୁଁ ଭାବୁଥିଲି, ଆମର ହିନ୍ଦୀରେ ଗୋଟେ କଥା ଅଛି', ଘରକି ମୁର୍ଗି ଦାଲ ବରାବର 'ଅର୍ଥାତ ଘରେ ଯଦି କୁକୁଡା ମାଂସ ତିଆରି ହୋଇଛି ତେବେ ତାହା ତୁଚ୍ଛ ଡାଲି ପରି ଲାଗେ। କିନ୍ତୁ ଅନ୍ୟ ଘରର ଡାଲି ବି ଆମକୁ ମାଂସ ତରକାରୀ ପରି ସ୍ୱାଦିଷ୍ଟ ଲାଗିଥାଏ । ପ୍ରକୃତରେ ଆମ ପାଖରେ ଯାହା ଥାଏ ଆମେ ତାର ମୂଲ୍ୟ ବୁଝୁନା କିନ୍ତୁ ଅନ୍ୟ ପାଖରେ ଥିବା ଜିନିଷ ଆମକୁ ଅମୂଲ୍ୟ ଲାଗେ ।

ଆମ ଦେଶରେ ଆମ ଚମଡାର ରଙ୍ଗକୁ ସମସ୍ତେ ହତାଦର କରନ୍ତି । ଭାବନ୍ତି ଚମଡାର ରଙ୍ଗ ଗୋରା ହେବାଟା ହେଉଛି ସୁନ୍ଦରତାର ମାପକାଠି । କିନ୍ତୁ ଆମେରିକାର ଗୋରା ଲୋକମାନେ ଚମଡାକୁ କଳା ବା ସାବନା କରିବା ପାଇଁ କେତେ ଯେ କୃଚ୍ଛ୍ର ସାଧନା କରନ୍ତି ସେକଥା ସେମାନେ ହିଁ ଜାଣନ୍ତି । ଘଣ୍ଟା ଘଣ୍ଟା ଧରି ସୂର୍ଯ୍ୟକିରଣ ତଳେ ବସିରହିବା ଠାରୁ ଆରମ୍ଭ କରି ଯୁଭି ମେସିନ ଭିତରେ ପଶିବା ଯାଏଁ କେତେ କଣ କରିଥାନ୍ତି । ବଡ ବଡ ମଲମାନଙ୍କରେ ଯୁଭି ମେସିନ ଥାଏ । ଏକ ନିର୍ଦ୍ଦିଷ୍ଟ ପରିମାଣର ଦେୟ ଦେଇ ସେହି ମେସିନ ଭିତରେ ପଶିବାକୁ ହୁଏ ଯାହା ଗୋରା ଚମଡାକୁ ୧୦ / ୨୦ ମିନିଟରେ ଈଷତ୍ କଳା କରିଦିଏ।

ଏତିକି କଥା ଭାବିବା ଭିତରେ ଆମେ ଆସି ପହଞ୍ଚି ଯାଇଥିଲୁ ଆମ କାର ନିକଟରେ । କାର୍ ଡିକିରେ ସବୁ ଜିନିଷ ରଖି ସାରିଲା ପରେ ଆମର ଗାଡି ଗଡିଲା ଇଣ୍ଡିଆନ ଷ୍ଟୋର ଦିଗରେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ନଷ୍ଟ ପଥର ଯାତ୍ରୀ

**ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)**



ମୁଁ ତରତର ହୋଇ ଗାଁକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲି । କଥା ହେଉ ହେଉ ରାତି ପ୍ରାୟ ଆଠଟା ବାଜିବାକୁ ଗଲାଣି । ଗାଁକୁ ଆସିବା ପାଇଁ ସିଧା ବସ୍ ବ୍ୟବସ୍ଥା ସନ୍ଧ୍ୟା ସାଢ଼େ ପାଞ୍ଚଟାରୁ ଛ'ଟା ମଧ୍ୟରେ । ତା'ପରେ ଆଉ ନାହିଁ । ବ୍ରହ୍ମପୁରରୁ ଆନ୍ଧ୍ର ଆଡ଼କୁ ଗୋଳନ୍ଥରା ଚଟି ଛକ ପାଖରୁ ପ୍ରାୟତଃ ପୂର୍ବ-ଦକ୍ଷିଣ ଦିଗକୁ ପାଞ୍ଚ କି.ମି. ଗଲେ ଓଡ଼ିଶାର ଶାକ୍ତତାନ୍ତ୍ରିକ ପୀଠ ସିଦ୍ଧ ଭୈରବୀଙ୍କ ସୁସଜ୍ଜିତ ମନ୍ଦିର । ପଛକୁ ସୁନ୍ଦର ଜଗନ୍ନାଥ ମନ୍ଦିର । ସଦାସର୍ବଦା ଗହଳିଚହଳି, ଦେଶର ଏକ ବିଶିଷ୍ଟ ପର୍ଯ୍ୟଟନସ୍ଥଳ । ତଥାପି ବ୍ରହ୍ମପୁର ବା ଆନ୍ଧ୍ର ବିଚ୍ଛିନ୍ନାଞ୍ଚଳ ଇଚ୍ଛାପୁରଠାରୁ ସେମିତି କିଛି ସିଧାସଳଖ ସୁବିଧାଜନକ ଯାତ୍ରୀ ପରିବହନ ବ୍ୟବସ୍ଥା ନାହିଁ କହିଲେ ଚଳେ । ସନ୍ଧ୍ୟା ହୋଇଗଲେ ନିଜ ନିଜର ବ୍ୟବସ୍ଥା କରି ଆସିବାକୁ ହୋଇଥାଏ । ମାର୍ଚ୍ଚ ମାସ, ଆୟକର ବିଭାଗର ତନାଘନା, ମାର୍ଚ୍ଚ ୩୧ ସୁଦ୍ଧା ବ୍ୟକ୍ତିଗତ କର ଆଉ କାଗଜପତ୍ର ପେଠ କରିବାକୁ ହେବ। ନତୁବା ବହୁ ବର୍ଷର ଅବସର ପରେ ମିଳିଥିବା ପେନସନ ଗଣ୍ଡିକରେ ସରକାର ରୋକ ଲଗାଇ ଦେବେ। ବସ୍ ତ'ନାହିଁ, ମିଳିବାର ବି ସମ୍ଭାବନା ନାହିଁ । ବିଜିପୁର ଛକକୁ ଗଲେ ଯାହା ବ୍ୟବସ୍ଥା କରିହେବ । ବିଜିପୁର ଛକକୁ ଆସିଲା ବେଳକୁ ରାଜ୍ୟ ସଡ଼କ ପରିବହନ ନିଗମର ଦୂରଗାମୀ ଜୟପୁର ହାଇଟେକ ବସ୍‌ଟି ଛକ ଉପରେ ପ୍ରତୀକ୍ଷା କରିଥିବା ଜଣେ କାହାକୁ ଉଠାଇ ଚାଲିଗଲା । ମୁଁ ଛକରେ ପହଞ୍ଚିଲା ବେଳକୁ ବସ୍‌ଟି ମୋଠୁଁ ଦଶମିଟର ଦୂରକୁ ଚାଲି ଗଲାଣି। ପୁଣି ଚିନ୍ତା ଅନ୍ୟ କିଛି ଗାଡ଼ି ଅଛି କି ନାହିଁ । କେମିତି ଫେରିବି ? ଠିକ୍ ଏତିକି ବେଳେ ଆଗରେ ଗୋଟିଏ ଅଟୋଟିଏ ଛିଡ଼ା ହୋଇଥିବା ଦେଖି ତା'ରି ପାଖକୁ ଦୌଡ଼ିଲି । ଯାହାହେଉ ଅଟୋ ଚାଳକ ଆମ ଭୈରବୀ ପାଖର । ଫେରିବା ଚିନ୍ତା ଛାଡ଼ିଲା । ପଚାରିଲି, ଆରେ ବାବୁ ! ଯିବା ନା'ଡେରି ହେବ । କହିଲା ନାହିଁ ଆଜ୍ଞା ପଳେଇବା, ଦୁଇ ଚାରି ଜଣ ପାସେଞ୍ଜର ହେଲେ ଭଲ ହୁଅନ୍ତା କିନ୍ତୁ ଏଇ ବସ୍‌ଟା ସେମାନଙ୍କୁ ନେଇଗଲା । ହେଉ ଦେଖିବା, ବାଟରେ ମିଳିବ କହି ଅଟୋରେ ମୁଁ ବସିଗଲି ଗଲି । ଡ୍ରାଇଭର ବି ଅଟୋକୁ ଷ୍ଟାର୍ଟ ଦେବା ପାଇଁ ଦଉଡ଼ି ଭିଡ଼ିଲା ଓ ନିଜେ ଚାବି ଖାଲି ଗାଡ଼ି ଚଳାଇଲା ବେଳେ କହିଲା, ''ଆଜ୍ଞା ! ଜାଣିଛନ୍ତି କୁନା ପାତ୍ର ମରିଗଲା । ଓ ବ୍ରହ୍ମପୁର ବଡ଼ ମେଡ଼ିକାଲ ଡାକ୍ତରଖାନାକୁ ଆଣିଥିଲେ । ଘରେ ହିଁ ମରି ଯାଇଥିଲା, ଏଠାକୁ ଆଣିଥିଲେ, ଆହୁରି ଶବ ଘରକୁ ନେଇ ନାହାଁନ୍ତି ।" ମୋତେ କେମିତି ସେ କହିବା କେତୋଟି ଶବ୍ଦ ଭଲରେ ଶୁଣାଗଲା ନାହିଁ। ମୁଁ ପୁଣି ପଚାରିଲି, 'ଆରେ ବାବୁ କାହା କଥା କହୁଛୁ ? କିଏ ମରିଗଲା ? 'ଆଜ୍ଞା କୁନା ପାତ୍ର ଆଜ୍ଞା ହେଡ୍‌ମାଷ୍ଟରଙ୍କ ପୁଅ, ପିଇ ପିଇ ତ'ଗଲା ।'

ଆରେ କୁନା ପାତ୍ର ପିଲାଟା ମରି ଗଲା ! ସ୍ତବ୍ଧ ଲାଗିଲା ଶୁଣିକି । କ'ଣ କରିବା ! ଯେଉଁଠି ଦେଖିବ ଭଲ ହେଉ କି ଖରାପ ହେଉ, ଭାଇନା ନମସ୍କାର ! କହି ଗୋଟାଏ ହାତ କପାଳକୁ ଉଠି ଯାଉଥିବ। ସେଇ କୁନା ଏବେ ମରିଗଲ।"

ମରି ଯିବନି କି ଆଜ୍ଞା ! ଦିନ ରାତି ପେଟେ ପେଟେ ମଦ ପିଇଲେ କଣ ହେବ । ଦେହଟା ରକ୍ତ ମାଂସର ଶରୀରଟା ନା, କେତେ ସମ୍ଭାଳିବ । ଚବିଶ ଘଣ୍ଟା ନିଶାରେ ଚୁର୍ ।"

କୁନା ପାତ୍ର ! ଏବେ ବୋଧେ ବୟସ ପଇଁଚାଳିଶି ଖଣ୍ଡେ ହେବ । ନାହିଁ ତ ଦୁଇ ତିନି ବର୍ଷ ଇୟାଡ଼େ କି ସିଆଡ଼େ । ପିଲାରୁ ଭାରି ଭଲ ପିଲାଟିଏ । ଏ ବଂଶର ହେଲେବି ସେମାନେ ରହନ୍ତି ବୟାଳୀରେ ଆମେ ମନ୍ଥିଡ଼ିରେ । ମୋ ବାପାଙ୍କୁ ସେ ଦାଦା ଡାକେ ଓ ମୋତେ ଓ ମୋ ବଡ଼ ଭାଇନାଙ୍କୁ ଭାଇନା ଡାକେ ଓ ତାଙ୍କ ବାପା ଜଣେ ଗାଁ ମାଷ୍ଟର । ଆଉ ତାର କକା ଥିଲେ ସେବା ସମବାୟ ସମିତିର ସମ୍ପାଦକ । ବାପା କକା ଦିହେଁ ଠିକ୍ କଥା କୁହନ୍ତି । ମୁହେଁ ମୁହେଁ ଉତ୍ତର । କାହାକୁ କେଉଁଠି ଡରିଲା ବାଲା ନୁହଁନ୍ତି । ଆଜିକାଲିକା ରାଜନୀତିର ଅଭିସନ୍ଧିରେ ପଡ଼ି କେତେ ଯେ ଥର କେତେ ହଇରାଣ ହରକତ ନ ହୋଇଛନ୍ତି ବୋଲି ନାହିଁ, ହେଲେ କ'ଣ ହେଲା, ମରଦ୍ କା ବାତ୍ ନା' ଅନ୍ୟାୟରେ ଅପକର୍ମ କରି ତାଙ୍କରି ଆଗରେ କେହି ଜିତିଯିବ, ସେ କଥା କେଉଁ ହେବନି । ସେମାନେ ପରା ପାତ୍ର ବଂଶ ପରମ୍ପରାର ପୁଅ । ଜବାବ ଦେଇଛନ୍ତି ତ ଦେଇଛନ୍ତି । କଥା ପଡ଼ିଲେ ସଂଗ୍ରାମ ହେବ । ସେ ରକ୍ତରେ କୁନା ପାତ୍ରର ଜନ୍ମ । ଏବେବି କୁନା ପାତ୍ରର ବାପା ମା' ଅଛନ୍ତି । ବାପ ମା' ଠାକୁର ରାଧାକାନ୍ତଙ୍କୁ ଉପାସନା କରି ବହୁ ଦିନ ପରେ ଏଇ ମାତ୍ର ଅଲିଅଳ ଏକୋଇରବଳା ବିକିକେଶନକୁ ପାଇଥିଲେ । ଠାକୁରଙ୍କ ନାଁ ନେଇ ନିଜେ ତରିବେ ବୋଲି ପୁଅର ନାଁ କୃଷ୍ଣ କୁନାଳ ରଖିଥିଲେ । ଗାଁ ଲୋକଙ୍କୁ ପୂରା ନା ନେଇ ଡାକିବାଟା କଷ୍ଟ ହେଲା ସମସ୍ତେ ଡାକିଲେ କୁନା । ପୁଅ ଯେମିତି ବଡ଼ ହେଲା, ପାଞ୍ଚ ଜଣରେ ଜଣେ ହୋଇ ମର୍ଯ୍ୟାଦାର ସହ ବଞ୍ଚିବା ଶିଖିଲା । ଲୋକ ତାକୁ କୁନା ନ କହି କୁନାଳ କହିବା ଆରମ୍ଭ କଲେ । ଗାଁ ନିମ୍ନ ଓ ଉଚ୍ଚ ପ୍ରାଥମିକ ସ୍କୁଲ, ମଧ ଇଂରାଜୀ ସ୍କୁଲ ପରେ ପାଖ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ସାରି ଜଣେ ଭଲ, ବଡ଼ ମଣିଷ ହେବ ବୋଲି ବାପା, ମା', ଭାଇ ବନ୍ଧୁଙ୍କର ଆଶା ଥିଲା । ହେଲେ ଗୋଟିଏ ବୋଲି ପୁଅ, ଗେଲବସର ହେଲାରୁ ପାଠ ପଢ଼ିବା ସେମିତି କିଛି ସେତେ ଆଗକୁ ବଢ଼ିଲା ନାହିଁ । ଗାଁରେ ଏପଟ ସେପଟ ସାଙ୍ଗସାଥୀ ମେଳରେ ରହି କୁନାର ସମୟ କଟିବାକୁ ଲାଗିଲା । ପୁଣି ଗାଁରେ ନାଁ ପ୍ରାଇଭେଟ୍ ଟ୍ୟୁସନ ନା' ପାଠପଢ଼ାର ମହଲ ପରିବେଶ ଥାଏ ଯେ, ହେଇ ତା'ପୁଅ କଲେଜରେ ପଢ଼ିଲାଣି ମୋ'ପୁଅ କେମତି ନ ପଢ଼ିବ – ଏହି ପ୍ରତିଯୋଗିତା କି ଈର୍ଷାପରାୟଣ ହୋଇ ନିଜ ପିଲାଙ୍କୁ ସହରୀ ବାବୁମାନଙ୍କ ଭଳି ପାଠ ପଢ଼ାଇ ବଡ଼ ମଣିଷ ରୂପେ ଦେଖିବାର ସ୍ୱପ୍ନ ନ ଥାଏ । କୁନା ଆସ୍ତେ ଆସ୍ତେ ବାପାଙ୍କ ସହ ମିଶି ବଗଡ଼ ବାଡ଼ରେ ନଡ଼ିଆ ବଗିଚା କରି କୃଷି କାର୍ଯ୍ୟରେ ମନ ଦେଲା । ଗାଁ ଗହଳିର ଲୋକ । ଗାଁ ସ୍କୁଲ ମାଷ୍ଟରଙ୍କର ମଧ ସେମିତି କିଛି ପୁଅ ପାଇଁ ବଡ଼ ଆଶା ନ ଥିଲା । ବେଶିରୁ ବେଶି କିଛିଟା ପାଠ ପଢ଼ି ଶେଷ କାଳ ଯାଏଁ ତାଙ୍କରି ପାଖରେ ରହି ଦେଖାଚାହାଁ କଲେ ଗଲା, ଆଉ କ'ଣ ଟା କରିବ ? ବେଶିରୁ ବେଶି ସେ କରୁଥିବା ଗାଁ ମାଷ୍ଟର ଚାକିରିଟା ଶେଷ ବେଳକୁ ଚଳାଇ ପାରିଲେ ସବୁଠୁଁ ଭଲ ହୁଅନ୍ତା । ଗାଁ ରାଜନୀତି ସବୁଠୁଁ ଅଧିକା ବିପଦଜ୍ଜନକ । ଗାଁରେ କେଉଁ ରାଜନୀତି ହୁଏ କି ? ୱାର୍ଡ଼ମେମ୍ବର, ସରପଞ୍ଚ ନିର୍ବାଚନ ମୁଖ୍ୟ। ଭାରି ଜିଦାଜିଦି। ତା'ସାଙ୍ଗକୁ ଏମ୍.ଏଲ.ଏ, ଓ ଏମ୍‌ପି ନୋହିଲେ ପଞ୍ଚାୟତ ସମିତିସଭ୍ୟ । ଯେତେ ବଡ଼ ରାଜନେତା ହୁଅନ୍ତୁନା କାହିଁକି, ସେମାନଙ୍କ ମୁଖ୍ୟ କାମ ହେଲା ଗାଁର ଯୁବଗୋଷ୍ଠୀଙ୍କୁ ହାତରେ ରଖି ଗାଁର ଭୋଟରମାନଙ୍କୁ ନିଜ ଆଡ଼କୁ ନେବେ । ସେମାନଙ୍କ ମତରେ ଗାଁରେ ବିଶେଷରେ ଅଶିକ୍ଷିତ, ମୂର୍ଖ, ଚାଷୀ, କୁଲି ମଜୁରୀଆ ଓ ମଦୁଆ ଶ୍ରେଣୀର ଲୋକ ରୁହନ୍ତି ଓ ଏମାନଙ୍କୁ କଥା କହି, ବିଶ୍ୱାସ କରାଇ ଠାକୁରଙ୍କ ପାଖରେ ଫୁଲସିନ୍ଦୂର ଧରି ପ୍ରମାଣ କରାଇ, ନତୁବା ପଚାଶରୁ ଶହେ, ଏବେ ପାଞ୍ଚଶହରୁ ଏକ ହଜାର ଟଙ୍କା ଯାଏଁ ବାଣ୍ଟି ଭୋଟ ନେବାର କାଇଦା ବଡ଼ ସହଜ। ରାଜନେତା ତଥା ଆମ ଦେଶ ବିଧାନ ମଣ୍ଡଳର ନୀତି ପ୍ରଣୟନ କରୁଥିବା ରାଷ୍ଟ୍ରନେତାମାନଙ୍କର ଯେଉଁ ଜନହିତ ଆଦର୍ଶ ଆଚରଣ କଥା ନ କହିଲେ ଭଲ । ନିଶା, ନିଶାଗ୍ରସ୍ତ କରାଇ ଭୋଟ ଅପହରଣ ଲୁଟ୍ କରିବା । ଅଧୀନ ଥରେ ଭୋଟକେନ୍ଦ୍ରରେ ଭୋଟ ଗ୍ରହଣ ବେଳର ଦୃଶ୍ୟ ଦେଖି ଆମର ଏହି ଓଜନଦାର ଗଣତନ୍ତ୍ରର ସମୀକ୍ଷା କରୁଥିଲା । ଭୋଟଦାତାମାନେ ଟଳି ଟଳି ଆସୁଥାନ୍ତି ଓ ଭୋଟ କାଗଜରେ କୌଣସି ପ୍ରକାରେ ମୋହର ମାରି ସେଇ ମଦ ନିଶାରେ ଭୋଟକେନ୍ଦ୍ରର ବାରଣ୍ଡାରେ, ସାହିରେ ଶୋଇ ଯାଇଥାନ୍ତି । ଭୋଟଦିନ ସରକାର କଟକଣା ଥାଏ, ତିନି ଦିନ ଯାଏଁ ମଦ ବିକିବା ବନ୍ଦ କିନ୍ତୁ ବେରେଲ ବେରେଲ ମଦ ବୁହା ହୋଇ ଆସେ ଠିକ୍ ଜାଗାକୁ– ଭୋଟରମାନଙ୍କୁ ସପକ୍ଷବାଦୀ ଦଳୀୟ ଲୋକଙ୍କୁ ପିଆଇ ଦିଆ ହୁଏ ଓ ସେଠୁ ସବୁ ସରିଲା । କି ନୀତି କି ଆଦର୍ଶ, କି ନ୍ୟାୟ, କିଏ ଭଲ ଲୋକ କିଏ ଅସାର, ସେକଥା ଭାବି ଗଣତନ୍ତ୍ରର ମତ ଦାନ କରଯାଏ। ଯିଏ ଯେତେ ଲୋକ ମଦ ପିଆଇ ଯେତେ ଗରଳ ଗିଳାଇ ଯେତେ ପରିବାର ଘର, ଗ୍ରାମ, ସଂସ୍କୃତିକୁ ନଷ୍ଟ କରି ପାରିଲା, ନିରୀହ ମଣିଷମାନଙ୍କୁ ହତ୍ୟା କରି ପାରିଲା, ସେ ହେଲା ନେତା । ଏ ନିଶାର କାଳଭଉଁରୀରେ ଯିଏ ଥରେ ପଡ଼ିଗଲା, ସେ ଆଉ ଭଲ ବାଟକୁ ମୁକୁଳି ଆସିବ ଏହା ଭାବିବା ଅସମ୍ଭବ । ସେ ଗଲା, ନଷ୍ଟ ହେଇଗଲା ତା'ସାଙ୍ଗକୁ ତା ଘର ପରିବାର ପିଲାଛୁଆ, ବୁଢ଼ା ବାପ ନିଜ ପେଟରେ ଯନ୍ତ୍ରଣା ବୋହି ସନ୍ତାନକୁ ଜନ୍ମ ଦେଇଥିବା ଗର୍ଭଧାରିଣୀ ମାଆର ମୋ'ପୁଅ ହିଁ ଦୁନିଆର ଶ୍ରେଷ୍ଠ ପୁରୁଷ'– ରାଜ୍ୟର ରାଜଇନ୍ଦ୍ର ଯୁବରାଜ ବୋଲି ଭାବି ଚଲୁଥିବା ମା' ଯେ କି କଷ୍ଟ ଅନୁଭବ କରେ, ତା'କେହି କହି ପାରିବେନି ବରଂ ମା'ବାପାଙ୍କ ଆକୁଳତା ଅନୁଭବ ହିଁ ସବୁ କହିବ । ସେୟା ହେଲା, ଗାଁର କେତୋଟି ପୁରୁଣା ରାଜନୀତିର ଖେଳାଳି ଦେଖିଲେ, କୁନା ପାତ୍ର ତାଙ୍କ ଆଗରେ ଠିଆ ହୋଇ ତାଙ୍କୁ ଆଖରେ ଆଖି ମିଶାଇ ସାମ୍ନା ସାମ୍ନି ସଦମ୍ଭେ କହି ପାରୁଛି ତାଙ୍କ ମନ ଓ ଗାଁରେ କରୁଥିବା ଅନୀତି ଅନ୍ୟାୟର କଥା । ଏଇତ ବଡ଼ ଅସୁବିଧାର କଥା ଓ ନିଜ ଅପକର୍ମକୁ ଅନ୍ୟମାନଙ୍କଠାରୁ ଲୁଚାଇ ରଖି ପାରି ନିଜର ଗୁପ୍ତ ଅଭିସନ୍ଧି ରଖିବ, ନିଜକୁ ଆଦର୍ଶ ସ୍ୱାର୍ଥହୀନ ମଣିଷ ବୋଲି କୁହାଇ ପାରିଲେ ସିନା ଆଗକୁ ନିଜେ ନିଜର ପିଲାଝିଲା ସବଂଶ ରାଜନୀତିରୁ ଫାଇଦା ଉଠାଇବେ ।

ଅଫିସରମାନଙ୍କୁ ଟେଣ୍ଡର ଫିକ୍ସିଂରେ ଗୁଣ୍ଡାଗର୍ଦ୍ଦି, ବଦଳି ଆଦି ଧମକଚମକ ଦେଇ ନିଜର ଫାଇଦା ମୁତାବକ କାର୍ଯ୍ୟ ଆଦାୟ କରି ହେବ । ନୋହିଲେ ତ'ସଭିଏଁ ମାଡ଼ି ଆସିବେ ଉପରକୁ । ନିଜ ବେଉସା ଠିକାଦାରୀକୁ ଛଡ଼ାଇ ନେବେ । ତା' ହେଲେ ତ' ସବୁ ସରିଲା । ଯିଏ ନିଜ ପଛରେ ନିଜ ଦଳରେ ସାମିଲ ନ ହେଲା, ନିଶ୍ଚୟ ପ୍ରତିଶୋଧ ହେବ। ଯେ କୌଣସି ଉପାୟରେ କଳେବଳେ କି କୌଶଳେ । ଶତ୍ରୁତା ତ'ଦୁଇ ପ୍ରକାର ସଚ୍ଚୋଟ ଶତ୍ରୁତା ତ'ଆରେକ ମଧୁର ଶତ୍ରୁତା । ମଧୁର ଶତ୍ରୁତା ବଡ଼ ବିଷାକ୍ତ । ଏଥିରେ ଶିକାର ଜାଣି ପାରେନା ଏ ମୋର ଅହିତ ସାଧନ କରୁଛି ବୋଲି, ମହାଭାରତରେ କୌରବ ପଟରେ ଥିବା ଶକୁନି ଭଳି । ମଧୁର ଶତ୍ରୁତାରେ ଶତ୍ରୁର ବିନାଶ ପାଇଁ ମଦ ହିଁ ଅତି ଉତ୍ତମ ମାଧ୍ୟମ। ନିଜର ହୋଇ ବନ୍ଧୁ କରି ଦେଇ କିଛି ପଇସା ଶତ୍ରୁ ସାଧନ ତଥା ନିଜ ଦଳବଳକୁ ଐରୀଶୂନ୍ୟ କରିବା ପାଇଁ ଢାଳି ଦିଅ ଆଖିବୁଜି କିଛି ବନ୍ଧୁତାର ମଦ୍ୟ ପାନୀୟ। ଆସ୍ତେ ଆସ୍ତେ ଅଭ୍ୟାସ କରାଇ ଦିଅ । ଦେଖିବ, ତୁମ ସାମ୍ନାରେ ଠିଆ ହୋଇ ଗାଳି ଦେଇ ତୁମ ନୀଚ ମୁଖା ଖୋଲି ପାରୁଥିବା ସାହସ ଭର୍ତ୍ତି ମଣିଷଟି କିଭଳି ତୁମ ମଦ ଚକ୍ରାନ୍ତରେ ପଡ଼ି, ତା'ପିଲା ଛୁଆ, ପରିବାର, ସ୍ତ୍ରୀ, ବାପା ମା ସମସ୍ତଙ୍କୁ ଛାଡ଼ି ଶେଷରେ ଭ୍ରଷ୍ଟ ସ୍ୱାର୍ଥନ୍ୱେଷୀ ହୀନ ମଧୁର ଶତ୍ରୁତାରେ ତୁମକୁ ତ'ପାଦ ଚଟେଇ ଦେବ । ଏମିତି ଏକ ସତ୍ୟସନ୍ଧ ଯୁବକମାନେ କୁନା ପାତ୍ର ଭଳି ମଦ ଖାଇ ଗାଁ ଶ୍ମଶାନ ଘାଟରେ ପାଉଁଶ ହୋଇ ଯାଉଛନ୍ତି । ଏମାନଙ୍କୁ ରକ୍ଷା କରିବ କିଏ ?

♥ ସଂସ୍କୃତି ସଦନ, ବୟାଳୀ, ମନ୍ଥିଡ଼ି,
ମୋ: ୯୩୩୭୯୬୦ ୬୮୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଜୁଲାଇ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚିତ୍ରିନି
ସାପ୍ତାହିକ କ୍ରୋଡ଼ପତ୍ର

(ଏକାଦଶାହ ସ୍ମୃତିତର୍ପଣ)

# କର୍ମଯୋଗୀ ଭଗବାନ ମହାପାତ୍ର



ବାଲେଶ୍ୱର ଜିଲ୍ଲାର ରୂପ୍‌ସା କାଦମୌଦା ଗ୍ରାମରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଜନ୍ମିତ ଭଗବାନ ମହାପାତ୍ର ସାରା ଜୀବନ ଥିଲେ ଜଣେ କର୍ମଯୋଗୀ। ସେ କହୁଥିଲେ - 'କଥା ବଡ଼ ନୁହଁ କାମ ବଡ଼' ଏବଂ 'ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି।' ଏହି ଶୀର୍ଷକରେ ସେ ପରିଣତ ବୟସରେ ଆତ୍ମକଥନିକା କ୍ରମରେ କ୍ଷୁଦ୍ର ଦୁଇଟି ପୁସ୍ତକ ରଚନା କରିଥିଲେ। ତାଙ୍କ ସମଗ୍ର ଜୀବନ ଉପରୋକ୍ତ ଆହ୍ୱାନ ସହ ପ୍ରତିଫଳିତ ହେଉଥିଲା। ଜୀବନ ତମାମ କର୍ମଯୋଗୀର ଜୀବନ ବିତାଇଥିଲେ। ଯେ କେହି ବ୍ୟକ୍ତି ତାଙ୍କୁ ଥରେ ଭେଟୁଥିଲେ ସେ ନିଶ୍ଚିତ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହେଉଥିଲେ। ଶିକ୍ଷା ଯେ ଜନଜୀବନ ସମୃଦ୍ଧିର ମୂଳଉତ୍ସ, ଏହାକୁ ଅନୁଭବ କରି ନିଜ ପଞ୍ଚାୟତରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ଯାହାର ନାମ ଥିଲା କସିପଦା ପଞ୍ଚାୟତ ହାଇସ୍କୁଲ। ଧୋତିକୁର୍ତ୍ତା ପରିହିତ ଲମ୍ବା ପତଳା ମଣିଷ ଜଣକ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବେ ବାରି ହୋଇପଡୁଥିଲେ। କାରଣ ସେ ଥିଲେ ଆଚରଣ ସିଦ୍ଧ ଜଣେ ସଂଗ୍ରାମୀ ମଣିଷ। ଚାଷୀ, ମୂଲିଆ, ଶ୍ରମିକମାନଙ୍କର ଦାବି ହାସଲ ପାଇଁ ନେତୃତ୍ୱ ନେଉଥିଲେ। ରୂପ୍‌ସା ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ତାଙ୍କର ଥିଲା ନିରନ୍ତର ଯୋଗଦାନ।


ରୂପ୍‌ସା ନିଳମଣି ମହାବିଦ୍ୟାଳୟ ପ୍ରତିଷ୍ଠା, କସିପଦା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା, ବୀଣାପାଣି ଶିଶୁ ମନ୍ଦିର ପ୍ରତିଷ୍ଠା, ରୂପ୍‌ସା ଝୋଟ କାରଖାନା ଶ୍ରମିକ ସଂଘ ଗଢ଼ିବା, ରୂପ୍‌ସା ରେଳଷ୍ଟେସନ ପୂର୍ଣ୍ଣାଙ୍ଗ ଶିଡ଼ିପୋଲ ନିର୍ମାଣ, କାଦମୌଦା ଲାଲଜୀଉ ମଠ ଟ୍ରଷ୍ଟବୋର୍ଡ଼ ଗଠନ, କସିପଦାରେ ସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କ୍ଷେତ୍ରରେ ତାଙ୍କର ଥିଲା ଅଗ୍ରଣୀ ଭୂମିକା। ବାଲେଶ୍ୱର ମେଡ଼ିକାଲ କଲେଜ ଓ ହସ୍‌ପିଟାଲ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ସ୍ୱାଭିମାନ ପରିଷଦ ରୂପ୍‌ସା, ଆମ ପୁଲିସ୍ କମିଟି ରୂପ୍‌ସା ଆଦିରେ ସେଥିଲେ ଅଜୀବନ ସଦସ୍ୟ।

ଛାତ୍ର ଜୀବନ ଆରମ୍ଭରୁ ବହୁ ବାଧାବିଘ୍ନକୁ ସମ୍ମୁଖୀନ ହୋଇ ମେଟ୍ରିକ୍ ପାସ୍ ପର୍ଯ୍ୟନ୍ତ ପରଘରେ ରହି ଟିଉସନ୍ କରି ଶିକ୍ଷା ଗ୍ରହଣ କରିଥିଲେ। ତତ୍‌ପରେ ୧୯୭୦ମସିହାରୁ ହଳଦୀପଦା ଅଗ୍ରୱାଲ ହାଇସ୍କୁଲରେ କିରାଣି ସହ ପଞ୍ଚାୟତ ସେକ୍ରେଟାରୀ ଚାକିରିରେ ଯୋଗଦେଇଥିଲେ। ମାତ୍ର ଦୁଇବର୍ଷ ପରେ ପଞ୍ଚାୟତ ସଂଘର ସଂପାଦକ ଦାୟିତ୍ୱ ବରଣ କରିବାରୁ କିରାଣି ଚାକିରି ଛାଡ଼ି ଦେଇଥିଲେ। ସେହି ସମୟରୁ ସମଗ୍ର ଓଡ଼ିଶାରେ ଜଣେ ସଂଗଠକ ଭାବେ ତାଙ୍କର ସୁଖ୍ୟାତି ଆସିଥିଲା। ୨୦୦୮ ମସିହାରେ ପଞ୍ଚାୟତ ସଂପାଦକ ଚାକିରିରୁ ଅବସର ପରେ ମଧ୍ୟ ସେ କିନ୍ତୁ ପଞ୍ଚାୟତ ସଂପାଦକ ସଂଘ ଦାୟିତ୍ୱରୁ ନିବୃତ୍ତ ହୋଇନଥିଲେ। ସାହିତ୍ୟ ଓ ସାଂସ୍କୃତିକ ଜୀବନର ପୃଷ୍ଠପୋଷକ ଭାବେ ସେ ଆରମ୍ଭ କରିଥିଲେ ଏକ ପତ୍ରିକା 'ଆମ ପରିବାର ଓ ଆମ ପଞ୍ଚାୟତ'। ଏଥିରେ ସାହିତ୍ୟର ବିଭିନ୍ନ ବିଭାଗର ଲେଖା ସହ ପଞ୍ଚାୟତରାଜ ବ୍ୟବସ୍ଥାର ବିବିଧ ପ୍ରସଂଗ ସ୍ଥାନିତ କରାଉଥିଲେ। ତାଙ୍କର ସମସ୍ତ ସାମାଜିକ କର୍ମରେ ସଦା ସହଯୋଗୀ ଥିଲେ ସହଧର୍ମିଣୀ ୰ଇଚ୍ଛାମଣୀ ମହାପାତ୍ର। ତେବେ ପରିଣତ ବୟସରେ ତାଙ୍କ ସହଧର୍ମିଣୀ ହାତ ଛାଡ଼ି ଚାଲିଯିବା ଏବଂ ଜଣେ ପୁଅର ଆକସ୍ମିକ ଦେହାନ୍ତ ହୋଇଯିବା ତାଙ୍କ ମାନସିକ ଓ ଶାରିରୀକ ବଳକୁ କିଛିଟା ଦୁର୍ବଳ କରିଦେଇଥିଲା।

ଭଗବାନ ବାବୁଙ୍କ ଅନେକ ସୁକୀର୍ତ୍ତି ମଧ୍ୟରେ ଏକ ବିଶେଷ କୀର୍ତ୍ତି ହେଲା ରୂପ୍‌ସା ନିକଟବର୍ତ୍ତୀ ଆମ୍ବଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ରେଳଲାଇନ୍ ପାର୍ଶ୍ୱସ୍ଥ ଏକ ବିଶାଳ ଅଞ୍ଚଳକୁ ଏକ ଗ୍ରାମରେ ପରିଣତ କରି 'ଭଗବାନପୁର' ଗ୍ରାମରେ ପରିଣତ କରିବା। ସେହି ଗ୍ରାମରେ ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ସହ ନିଜେ ରହୁଥିବା ବାଡ଼ିରେ ଯାହାକୁ ମହାପାତ୍ର ଫାର୍ମ ହାଉସ ନାମରେ ନାମକରଣ କରିଥିଲେ, ସେଠାରେ ଏକ 'ବୈଠକ ବଙ୍ଗଳା' ପ୍ରତିଷ୍ଠା କରି ନାନା ସଭାସମିତି ଏହିଥିରେ କରାଉଥିଲେ। ମୋର ସୌଭାଗ୍ୟ ଯେ, ଏହି ବୈଠକ ବଙ୍ଗଳାକୁ ମୋ ହାତରେ ଉଦ୍‌ଘାଟନ କରିଥିଲି। ସେ ଅନେକଙ୍କୁ ଆପଣାପଣରେ ବାନ୍ଧି ରଖିପାରୁଥିଲେ। ତେବେ ମୋ ପ୍ରତି ତାଙ୍କର ବିଶେଷ ସ୍ନେହ ଶ୍ରଦ୍ଧା ଥିବାର ଅନୁଭବ କରୁଥାଏ। ବିଗତ ୧୫ବର୍ଷ ମଧ୍ୟରେ ରୂପ୍‌ସା ଅଞ୍ଚଳର କେତେକେତେ ସଭାସମିତି ଓ ଉତ୍ସବ ଅନୁଷ୍ଠାନକୁ ମୋତେ ମୁଖ୍ୟ ଅତିଥି ତ କେବେ ମୁଖ୍ୟବକ୍ତା ରୂପେ ବରଣ କରିନେଉଥିଲେ। ରୂପ୍‌ସା ମାଟିର ଅନ୍ୟତମ ସୁସନ୍ତାନ ଔପନ୍ୟାସିକ ସୃଷ୍ଟିଧର ପରିଡ଼ାଙ୍କୁ ମଧ୍ୟ କେବେ ସେ ଭୁଲୁନଥିଲେ। ସବୁବେଳେ ତାଙ୍କୁ ଡ଼ାକୁଥିବେ ଏବଂ ତାଙ୍କୁ କହିବେ କାଳୀପଦ ବାବୁଙ୍କୁ ଧରି ତମେ ଆସିବ।

ବାସ୍ତବରେ ମୁଁ ପୂଜ୍ୟ ଭଗବାନ ମହାପାତ୍ରଙ୍କ ଭଲପାଇବା ନିକଟରେ ଚିରଋଣୀ। ତାଙ୍କ ହାତଗଢ଼ା କସିପଦା ହାଇସ୍କୁଲର ଉତ୍ସବ ଠାରୁ ଆରମ୍ଭ କରି ରୂପ୍‌ସା ମହୋତ୍ସବ ପ୍ରଭୃତି କେତେକେତେ ସଭାକୁ ସେ ଡ଼କାଇ ନେଉଥିଲେ। ମୋ ବକ୍ତବ୍ୟରେ ସେ ଏମିତି କ'ଣ ଆନନ୍ଦ ପାଆନ୍ତି ମୁଁ ଜାଣେନା, ମୁଁ କିନ୍ତୁ ତାଙ୍କ ଡ଼ାକରାକୁ କେବେ ଏଡ଼ାଇ ପାରୁନଥିଲି। ରୂପ୍‌ସାର ବିଶିଷ୍ଟ ବ୍ୟକ୍ତି ଜଗଦୀଶ୍ ଚନ୍ଦ୍ର ପଟ୍ଟନାୟକ, ପଣ୍ଡିତ ନିରଞ୍ଜନ ପଣ୍ଡା, ବରଦା ପ୍ରସନ୍ନ ପଟ୍ଟନାୟକ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅଧ୍ୟାପକ ରବୀନ୍ଦ୍ର ପଣ୍ଡା, ପ୍ରଧାନଶିକ୍ଷକ ଅନନ୍ତଚରଣ ସାହୁ, ଅଧ୍ୟାପକ ଡ. ତପନ ବେହେରା, ଶ୍ରଦ୍ଧେୟ ଦେବେନ୍ଦ୍ର ଆଚାର୍ଯ୍ୟ, ପିଞ୍ଚାବଣିଆ ଗୁରୁକୂଳ ଆଶ୍ରମର ବିଜୟ ଆଚାର୍ଯ୍ୟ ପ୍ରଭୃତି ସେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କ ସମେତ ସାଧାରଣ ଲୋକେ ତାଙ୍କର ଶୂନ୍ୟତା ଅନୁଭବ କରିବେ।

ଜନ୍ମମୃତ୍ୟୁ ତ ଚିରନ୍ତନ। ଏହା କେତେବେଳେ, କିଭଳି ଭାବେ କାହା କ୍ଷେତ୍ରରେ ଉପନୀତ ହେବ ତାହା ଚିନ୍ତାର ବାହାରେ। ସମସ୍ତଙ୍କୁ ଏହି ମର୍ତ୍ତ୍ୟଧାମ ଛାଡ଼ି ଯିବାକୁ ହେବ। ଭଗବାନବାବୁଙ୍କ ବିଦାୟ ଯଦିଓ ଅନେକଙ୍କ ମନରେ କିଛିକିଛି ପ୍ରଶ୍ନ ସୃଷ୍ଟି କରିଛି ମାତ୍ର ଆମ ସମସ୍ତଙ୍କୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ତାଙ୍କର ମର୍ତ୍ତ୍ୟରହଣିର ସମୟ ସରିଯାଇଥିଲା, ଯାହାକି ସେ ବାହୁଡ଼ି ଗଲେ। ସେ ସ୍ୱଦେହରେ ନରହିଲେ ବି ତାଙ୍କ ଦ୍ୱାରା ସଂପାଦିତ କର୍ମମନ୍ଦିରରେ ସେ କେବଳ ରୂପ୍‌ସା ମାଟିର ନୁହଁ, ସମଗ୍ର ବାଲେଶ୍ୱର ଜନଜୀବନରେ ଚିରଭାସ୍ୱର। ମୁଁ ଏଭଳି ଜଣେ କର୍ମଯୋଗୀ ମଣିଷଙ୍କର ସ୍ନେହସିକ୍ତ ସାନ୍ନିଧ୍ୟର ସୁଯୋଗ ପାଇଥିବାରୁ ସେହି ପରଲୋକଗତ ଆତ୍ମାଙ୍କୁ ମୋର ଶବ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ♥



ଆଲେଖ୍ୟ : ଡ. କଳୀପଦ ପଣ୍ଡା
♥ ସୁନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ).:୯୪୩୭୦୮୯୨୪୧

# ମହାଦେବଙ୍କ ମହାତତ୍ତ୍ୱ



ଉମେଶ ଚନ୍ଦ୍ର ପାତ୍ର

ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - 'ଏହା ହେଉଛି ନୀହାରିକାର ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛି, ତୀବ୍ର ଗତିରେ ଭ୍ରମଣ କରୁଛି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛି। ଏହାଫଳରେ ସେଠାରେ ସର୍ବଦା ଓଁ - ଓଁ - ଶବ୍ଦ ଉଚ୍ଚାରିତ ହେଉଛି'। ବ୍ରହ୍ମାଣ୍ଡର ସୃଷ୍ଟିଧାରାର ଏକ ବିଶେଷ ପର୍ଯ୍ୟାୟରେ ଏହି ଓଁ ଧ୍ୱନି ଜାଗି ଉଠେ। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି।

ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ।

ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିଷ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ତନ୍ତ୍ରଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ରୁଷ୍ଟ ହେଲେ ଶିବ ରାଖିବାରେ ନାରେ'। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

♥ ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଗ୍ରହ ସଂସ୍କାର

♥ ଶ୍ରୀ ପରେଶ ଚନ୍ଦ୍ର ସାହୁ

ମଣିଷ କିପରି ସୁସ୍ଥ ଏବଂ ଶାନ୍ତିରେ ଜୀବନ ବିତାଇ ପାରିବ ଯୁଗେ ଯୁଗେ ମୁନି ଋଷି ମାନେ ତପସ୍ୟା କରି ନିଜ ନିଜର ସିଦ୍ଧାନ୍ତକୁ ମାନବ ସମାଜର କଲ୍ୟାଣ ପାଇଁ ଛାଡ଼ି ଯାଇଛନ୍ତି । ଏଥିରେ ମୁଖ୍ୟ ତଥା ସାଧନ ପ୍ରଧାନ ତତ୍ତ୍ୱ ହେଉଛି ସଂସ୍କାର, କାରଣ ମାତୃଗର୍ଭରୁ ପୂର୍ଣ୍ଣ ସଂସ୍କାରଯୁକ୍ତ ହୋଇ ଜନ୍ମ ହୋଇଥାନ୍ତି ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ଆମେ ମାନେ ତେଣୁ ଉନ୍ନତ ଧର୍ମ ଆଚରଣ କରିଥାଉ । ବାଲୁଙ୍ଗା ନବାଛିଲେ ଯେପରି ଧାନ ଠିକ୍ ହୁଏ ନାହିଁ ସେପରି ପିଲାଙ୍କ ଠାରେ ଦୁର୍ଗୁଣ ଗୁଡ଼ିକ କାଢ଼ି ନଦେଲେ ଆମେ ଚାହୁଁଥିବା desired character ସହ ପିଲା ଆମକୁ ପ୍ରାପ୍ତ ହୋଇପାରନ୍ତି ନାହିଁ। ଏହାର ଏକମାତ୍ର କାରଣ ମଣିଷ ଦେହରେ କ'ଣ ସବୁ ଗୁଣ ରହିବ ଆମକୁ ମଧ ଜଣାନାହିଁ । ଏପରି କୌଣସି ଭଲଗୁଣ ନାହିଁ ଯାହା ରାମଚନ୍ଦ୍ରଙ୍କ ଠାରେ ନଥିଲା । ଯାହା ଫଳରେ ପରବର୍ତ୍ତୀ ସମୟରେ ମର୍ଯ୍ୟାଦା ହାନୀ କରୁଥିବା ରାକ୍ଷସ ପରମ୍ପରାର ଅବସାନ ଘଟାଇବା ପୂର୍ବକ ରାବଣର ଅନ୍ତ କରିଥିଲେ ।

ସୁତରାଂ ମଣିଷର ପ୍ରଧାନ ଶତ୍ରୁ ହେଉଛି ରାକ୍ଷସ । କାମନାଯୁକ୍ତ ମଣିଷ । କାରଣ ରାକ୍ଷସମାନେ ପ୍ରତ୍ୟେକ ସମୟରେ ମଣିଷ ମାନଙ୍କ ସହ ବିରୁଦ୍ଧ ଆଚରଣ କରିଥାନ୍ତି । ଏଇଟା ହେଉଛି ପ୍ରକୃତି । ପଶୁ ମାନଙ୍କର ସ୍ୱଭାବ ଯଦି ମଣିଷଠାରେ ପ୍ରକାଶ ପାଏ ଆମେ ତାକୁ ତାର ପ୍ରକୃତି ବୋଲି କହିଥାଉ । ଆଉ ସେଇ ପ୍ରକୃତିକୁ ଯଦି ଠିକ୍ ଭାବରେ ଦମନ କରାନଯାଏ ପରବର୍ତ୍ତୀ ସମୟରେ ଏଇଟା ତାର ପରିଚୟ ହୋଇଯାଏ । ପୁରୁଷାକାର ବା ଚେତନା ସେଇ ମଣିଷ ଦେହରେ ସ୍ଥାନ ପାଏ ନାହିଁ । ସେ ମଣିଷ ପଦବାଚ୍ୟ ହୋଇପାରେ ନାହିଁ । ତେଣୁ ମଣିଷ ହୋଇ ଯଦି ମଣିଷଟିଏ ହୋଇପାରେ ନାହିଁ ମଣିଷର କର୍ତ୍ତବ୍ୟ କରିପାରେ ନାହିଁ, ସମାଜର ବୋଝକୁ ହାଲୁକା କରିବା ପରିବର୍ତ୍ତେ ନିଜେ ଗୋଟେ ବୋଝ ହୋଇଯାଏ । ପୂର୍ବ ସମୟରେ ଗୁରୁକୁଳ ଗୁଡ଼ିକ ଥିଲା ମଣିଷ ତିଆରି କାରଖାନା । ସଂସ୍କାରକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା ।

ମହାଭାରତର କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଯେଉଁ କେତେକ ସତ୍ୟ ସିଦ୍ଧାନ୍ତର ଅବତାରଣା କରିଥିଲେ ସେଥି ମଧ୍ୟରେ ଆତ୍ମଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାହିଁକିନା ଆତ୍ମା ଶରୀରକୁ ଗଠନ କରିଥାଏ, ପ୍ରଭାବିତ କରିଥାଏ ଏବଂ ଶରୀର ପୁରୁଣା ହୋଇଗଲେ ଘଟ ପରିବର୍ତ୍ତନ କରିଦିଏ । ସାଂଖ୍ୟା ଯୋଗରେ ଆତ୍ମା ବିଷୟରେ ଅନେକ ଗୁଡ଼ିଏ ଶ୍ଳୋକର ଅବତାରଣା କରାଯାଇଅଛି । ପିଲାଟିଏ ଜନ୍ମ ହେଲେ ତା ଉପରେ ଆତ୍ମାର ପ୍ରଭାବ ପଡ଼ିଥାଏ । ଆତ୍ମାର ସରଳ ସଂଜ୍ଞା ହେଲା 'ଆତ୍ମା ଏକ ଆଲୌକିକ ସତ୍ତା' । ସୁତରାଂ ବିଶ୍ୱ ବ୍ରହ୍ମାଣ୍ଡରୁ ଆଲୋକ ସବୁ ତରଙ୍ଗ ଆକାରରେ ଆସି ଶରୀର ଉପରେ ପ୍ରଭାବ ପକାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମ ସମୟର ଚନ୍ଦ୍ରର ସ୍ଥିତି, ନକ୍ଷତ୍ରକୁ ନେଇ ନବଗ୍ରହର କ'ଣ ପ୍ରଭାବ ପଡ଼ିପାରେ ଗଣନା କରାଯାଏ । ମହାଭାରତର ରଚୟତା ବ୍ୟାସଦେବଙ୍କର ପିତା ପରାଶର ମୁନି ଥିଲେ ଜଣେ ବିଶିଷ୍ଟ ଜ୍ୟୋର୍ତିବିଦ । ତାଙ୍କର ଆଉଗୋଟେ ଗୁଣ ଥିଲା ସେ ଥିଲେ ଅତିମାତ୍ରାରେ ସମ୍ବେଦନଶୀଳ । କେଉଁ ଗ୍ରହର ପ୍ରଭାବ ତାଙ୍କ ଉପରେ ପଡ଼ିଲେ ସେ ଅନୁଭବ କରି ବ୍ୟକ୍ତ କରିପାରୁଥିଲେ । ସେତେବେଳେ ଗ୍ରହ ଚିକିତ୍ସା ବା ଗ୍ରହ ସଂସ୍କାର ଏପରି ସଠିକ ଭାବେ କରାଯାଉଥିଲା ଚିକିତ୍ସା ବିଜ୍ଞାନର (ଅଥର୍ବ ବେଦ) ଆବଶ୍ୟକତା ନଥିଲା । ପରବର୍ତ୍ତୀ ସମୟରେ ଅଥର୍ବ ବେଦର ଅବତାରଣା କରିବା ପାଇଁ ବ୍ୟାସଦେବଙ୍କୁ ବାଧ କରାଯାଇଥିଲା ।

ବର୍ତ୍ତମାନ ସମୟରେ ଗ୍ରହ ଚିକିତ୍ସାର ପ୍ରଚଳନ ନାହିଁ କହିଲେ ଚଳେ । ଭୂତ, ଡ଼ାହାଣୀ ପାଇଁ ତାବିଜ, ଡ଼େଉଁରିଆ ଏବଂ ଗ୍ରହଦୋଷ କାଟିବା ପାଇଁ ମୁଦିରେ ବିଭିନ୍ନ ପ୍ରକାରର ପଥର ପିନ୍ଧିବା ଛଡ଼ା ଆଉ କିଛି ଉପାୟ ନାହିଁ କହିଲେ ଚଳେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନବଗ୍ରହ ମାନେ ସୂର୍ଯ୍ୟ ଚାରିପଟେ ବୁଲୁଥିବା ନଅଟି ଗ୍ରହକୁ ଏବେର ପିଢ଼ି ବୁଝୁଛନ୍ତି । ସପ୍ତାହର ସାତଦିନ ଯଥା ରବି (ସୂର୍ଯ୍ୟ) ଠାରୁ ଶନି ତଥା ରାହୁ ଏବଂ କେତୁକୁ ନେଇ ଯେ ନବଗ୍ରହର ପରିକଳ୍ପନା ତାକୁ ସବୁ ଭୁଲିଗଲେଣି । ଇଂରେଜ ମାନଙ୍କର ଚକ୍ରାନ୍ତ ହୋଇପାରେ କିମ୍ବା ଆମ ମାନଙ୍କର ଅଜ୍ଞତା ଗ୍ରହଦୋଷର ସଂସ୍କାର ଆଉ ସଠିକ ଭାବରେ ହୋଇପାରୁ ନାହିଁ । ଏକଥା ସତ୍ୟ ସୂର୍ଯ୍ୟ ଏକ ମଧ୍ୟମ ଧରଣର ତାରା ଯିଏ ସୌର ମଣ୍ଡଳର ମଧ୍ୟରେ ଥାଇ ସୌର ଜଗତକୁ ପରିଚାଳନା କରୁଛି । ସୂର୍ଯ୍ୟକୁ ଆଦ୍ୟ ଗ୍ରହ ହିସାବରେ ନିଆ ହୋଇଛି ଏଇଥିପାଇଁ ପୃଥିବୀ ଉପରେ ତଥା ମାନବ ସମାଜ ଉପରେ ତା'ର ପ୍ରଭାବ ପଡୁଛି । ସେଇପରି ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ଏବଂ ଛାୟା ଗ୍ରହ ଦ୍ୱୟ ରାହୁ ଏବଂ କେତୁ । ଏହା ଏକ ସୂକ୍ଷ୍ମ ଚେତନାର କଥା । ସୂର୍ଯ୍ୟ ଆତ୍ମା ଉପରେ ପ୍ରଭାବ ପକାଏ । ଚନ୍ଦ୍ର ମନ ଉପରେ ପ୍ରଭାବ ପକାଏ । ଜ୍ୟୋତିଷ ଶାସ୍ତ୍ରର ଗଭୀରତା ଅନେକ ବେଶୀ । ସେସବୁକୁ ଏଠାରେ ଆଲୋଚନା କରାଯାଉନାହିଁ । ବିଜ୍ଞାନର ଅଗ୍ରଗତି ତଥା ସୌର ଜଗତ ବିଷୟରେ discovery ପରେ ଗ୍ରହ ଏବଂ ଉପଗ୍ରହ ମାନଙ୍କର ଗଠନ ବିଷୟରେ ଜାଣିଲେ ଆମେ ନିଜ ବିଷୟରେ ଜାଣି ପାରିବା ।

ମଣିଷମାନଙ୍କର ବଂଶ ବିଷୟରେ ଯଦି ଜାଣିବା ଦେଖିବା ମଣିଷ ତିନି ବଂଶ ବିଶିଷ୍ଟ ଯଥା ସୂର୍ଯ୍ୟବଂଶ, ଅଗ୍ନିବଂଶ ଏବଂ ଚନ୍ଦ୍ରବଂଶ । ସୂର୍ଯ୍ୟବଂଶ ବିଷୟରେ ଯଦି ଆମେ ଆଲୋଚନା କରିବା ଦେଖିବା କ୍ଷତ୍ରିୟ ଜାତୀୟ ମଣିଷର ସବୁ ଭଲ ଗୁଣ ସହିତ ଜନ୍ମ ନେଇଥାନ୍ତି । ଯେପରି ରାମଚନ୍ଦ୍ର । ସେ ବିବେକବାନ, ବିଚାରଶକ୍ତି ସମ୍ପନ୍ନ । ସ୍ନେହ, ପ୍ରେମ ଭଲପାଇବା ବିଶେଷକରି ତ୍ୟାଗ ମନୋଭାବ ତାଙ୍କ ଠାରେ ଥିଲା । ସୂର୍ଯ୍ୟପରି ଜୀବନଯାକ ଜଳିଥାନ୍ତି । ପ୍ରତିବାଦ ନୁହେଁ ପ୍ରତିରୋଧ (protest) କରିବାର ଶକ୍ତି ତାଙ୍କ ପାଖରେ ଥାଏ । ଉପଯୁକ୍ତ ଶାସକ ହୋଇପାରନ୍ତି । ଅଗ୍ନିବଂଶ ହେଲା ବସୁ ମାନଙ୍କର ବଂଶ । ରାତ୍ରହେଲେ ସୂର୍ଯ୍ୟ ଅଗ୍ନିରେ ପ୍ରବେଶ କରେ । ଏଇ ବଂଶରେ ଭଗବାନ ଜନ୍ମ ନେଇଥାନ୍ତି । ଉଦ୍ଭିଦ ଯେପରି ସୂର୍ଯ୍ୟର ଉତ୍ତାପକୁ ଅଗ୍ନି ଭାବରେ ସାଇତି ରଖେ ସେମାନେ କ୍ରୋଧ ପ୍ରକାଶ କରନ୍ତି ନାହିଁ । ସେମାନେ କର୍ମକୁ ପ୍ରାଧାନ୍ୟ ଦିଅନ୍ତି । ଯେପରି ପିତାମହ ଭୀଷ୍ମ । ସେ ଜଣେ ବସୁ ଥିଲେ । ତାପରେ ବସୁଦେବ ଏବଂ ବାସୁଦେବ । ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ କହୁଛନ୍ତି 'ଏ ତ୍ରିଲୋକରେ ମୋର କିଛି ଅପ୍ରାପ୍ତ ପ୍ରାପ୍ତ ନାହିଁ ତଥାପି ମୁଁ କର୍ମ କରୁଛି ।' ବାକି ଯିଏ ରହିଲେ ସେମାନେ ସବୁ ଚନ୍ଦ୍ର ବଂଶୀ ! ଅର୍ଥାତ ଚନ୍ଦ୍ର ଯେପରି ସୂର୍ଯ୍ୟକିରଣକୁ ପ୍ରତିଫଳନ କରେ ଏଇମାନେ କେବଳ ପ୍ରତିଫଳନରେ ବ୍ୟସ୍ତ ରହିଥାନ୍ତି । ସେମାନେ ସବୁ ଗନ୍ଧର୍ବ ଶ୍ରେଣୀଯୁକ୍ତ । ଗନ୍ଧର୍ବ ମାନେ ଚନ୍ଦ୍ରଙ୍କର ଗୁଣକୁ Carry କରିଥାନ୍ତି । ସେମାନଙ୍କର ଅତିବେଶୀରେ ମାନସିକ ପ୍ରକ୍ରିୟା କାର୍ଯ୍ୟକରେ । ମସ୍ତିଷ୍କ ସର୍ବସ୍ୱ । ପୋଥି ବାଇଗଣରେ ରହିଯାନ୍ତି । ବାଡ଼ି ବାଇଗଣରେ ପହଞ୍ଚି ପାରନ୍ତି ନାହିଁ । ଚନ୍ଦ୍ରରେ ଯେପରି ସୃଷ୍ଟି ନାହିଁ ଏମାନଙ୍କ କ୍ଷେତ୍ରରେ ବ୍ରହ୍ମତ୍ୱ ପ୍ରାପ୍ତି ହୋଇପାରେ ନାହିଁ । ଅଭାବଟାକୁ ଅତି ନିକଟରୁ ଦେଖିଥାନ୍ତି । ଚନ୍ଦ୍ର ଯେପରି ପୃଥିବୀ ଚାରିପଟେ ବୁଲୁଥାଏ ଏମାନେ ପୃଥିବୀ ଉପରେ ନଜର ପକାନ୍ତି । ଚନ୍ଦ୍ର ପୃଷ୍ଠରେ ଜଳ ନାହିଁ, ବାୟୁ ନାହିଁ atmosphere ନାହିଁ । ଚନ୍ଦ୍ର ପୃଷ୍ଠରେ ଛିଡ଼ା ହେଲେ ଆମକୁ ମହାଶୂନ୍ୟ ଦେଖାଯିବ । ଚାରିଆଡ଼େ ଅନ୍ଧକାର । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଚନ୍ଦ୍ରର ଗୋଟିଏ ପଟ ଆମେ ଦେଖୁ । କେହିହେଲେ ତାର Dark side ଟି ଦେଖି ନାହାଁନ୍ତି । ଚନ୍ଦ୍ର ପୃଷ୍ଠର gravitational force (ମାଧ୍ୟାକର୍ଷଣ ଶକ୍ତି) ପୃଥିବୀର ୬ ଭାଗର ଭାଗେ । ଅର୍ଥାତ ପୃଥିବୀ ପୃଷ୍ଠରେ ଜଣଙ୍କର ଓଜନ ୬୦ କି.ଗ୍ରା ଥିଲେ ଚନ୍ଦ୍ରରେ ୧୦ କି.ଗ୍ରା । ଚନ୍ଦ୍ର ସୂର୍ଯ୍ୟକିରଣକୁ ପ୍ରତିଫଳନ କରିବା ଚଡ଼ା ଆଉ କିଛି କରିପାରେ ନାହିଁ । ବର୍ତ୍ତମାନର ମାନବ ସମାଜ ସେଇ ଚନ୍ଦ୍ରଭଳି । ଖାଲି କଥାରେ କାମରେ ନୁହେଁ । ଶିକ୍ଷା ବ୍ୟବସ୍ଥା ମଧ ସେଇପରି । ଘୋଷାଘସି କରି ପରୀକ୍ଷାରେ ପ୍ରଶ୍ନର ଉତ୍ତରଟିକୁ reflect କରିଦେଲେ ଭଲ student ହୋଇଗଲେ । ଏଇପରି ଶ୍ରେଣୀ ଉଠି ଉଠି interview face କରି ଚାକିରୀଟିଏ ଯୋଗାଡ଼ ହୋଇଗଲେ achievement ହୋଇଯାଏ । ସେଇଥିପାଇଁ ତ ଆଜିକାଲି ରୋଜଗାରକ୍ଷମ ବ୍ୟକ୍ତିର ଚାହିଦା କାର୍ଯ୍ୟକ୍ଷମ ବ୍ୟକ୍ତିଠାରୁ ଅଧିକ ।

ଯାହାହେଉ ଇଏତ ଗଲା ଚନ୍ଦ୍ରବଂଶୀ ଲୋକଙ୍କ କଥା । ଯାହା ହେଲେବି ଏମାନଙ୍କର ମନେ ରଖିବାର ଶକ୍ତି ଥାଏ । କିଛି ନହେଲେ କିଛି କଥାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆବଶ୍ୟକତା ହୋଇଥାଏ । ଗନ୍ଧର୍ବ ମାନେ ଦେବତା ମାନଙ୍କର ସହାୟତା କରିଥାନ୍ତି । ଅଭିନୟ କଳା ଏମାନଙ୍କର ଥାଏ । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କରି ପରବର୍ତ୍ତି ପିଢ଼ି ମାନଙ୍କ କଥା । ଚନ୍ଦ୍ରଙ୍କ ପୁତ୍ର ବୁଧ । କେବଳ ପ୍ରତିଫଳନ କରିଚାଲିଥିବା ଲୋକଙ୍କ ବଂଶରେ ବୁଧ ମାନେ ଜନ୍ମ ନିଅନ୍ତି । ବୁଧ ଗ୍ରହ ସୂର୍ଯ୍ୟଙ୍କର ନିକଟତମ ଗ୍ରହ । ବୁଧ ପୃଷ୍ଠର ତାପମାନ ୪୦୦୦ ସେଣ୍ଟିଗ୍ରେଡ଼ । ଚନ୍ଦ୍ର ଯେପରି ନିଜ ଚାରିପଟେ ବୁଲିବା ପାଇଁ ୨୮ ଦିନ ସମୟ ନେଇଥାଏ ବୁଧ ୮୮ ଦିନ ସମୟ ନେଇଥାଏ । ଏଥିସହ ସୂର୍ଯ୍ୟଙ୍କ ଚାରିପଟରେ ମଧ ଥରେ ବୁଲିଆସେ ଅର୍ଥାତ ବୁଧଗ୍ରହ ଗୋଟିଏ ବର୍ଷର କମ ସମୟରେ ସୂର୍ଯ୍ୟ ଚାରିପଟେ ୪ ଥର ବୁଲି ଆସେ । ବୁଧ ଗ୍ରହ ସ୍ମୃତି, ମାନସିକ ସ୍ତରକୁ ପ୍ରଭାବିତ କରିଥାଏ । ସୁତରାଂ ଯେଉଁମାନେ ବାସ୍ତବ ଜୀବନରେ କେବଳ ଅଭିନୟ(acting) କରିଥାନ୍ତି । ତାଙ୍କରି ପିଲାମାନେ ଅପସ୍ମାର ଜନିତ ରୋଗରେ ପୀଡ଼ିତ ହୋଇଥାନ୍ତି । ବୁଧର କୌଣସି ଉପଗ୍ରହ ନାହିଁ । ଆମେ ଯାହା ଜାଣିଛୁ ସେ ସବୁ ତଥ୍ୟ ଆକାରରେ ସାଇତି ନରଖି ବ୍ୟବହାରିକ ଜ୍ଞାନରେ ପରିଣତ କରି ଦୈନନ୍ଦିନ ଜୀବନରେ କେମିତି ପ୍ରୟୋଗ କରିହେବ ସେଥିପାଇଁ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ବୁଧ ଗ୍ରହର ମଧ atmosphere ନାହିଁ । ଚନ୍ଦ୍ରପରି ସେଠାରେ ମଧ ମହାକାଶକୁ ଦେଖିହେବ ଯାହା ସମ୍ପୂର୍ଣ୍ଣ କଳା ବା ଅନ୍ଧକାର ।

ଏହିଠାରେ ଆସେ ଗ୍ରହ ସଂସ୍କାରର କଥା । ଚନ୍ଦ୍ର ଅବସ୍ଥାରୁ ପିଲାଙ୍କର ସଂସ୍କାରର ଆବଶ୍ୟକତା ରହିଛି । ପିଲାଟି କେବଳ ଭଲ reflect କରୁଛି ଏଥିରେ ଆମେ ସନ୍ତୁଷ୍ଟ ହେବା ଉଚିତ ନୁହେଁ । ବାଘକୁ tiger କହିଦେଲେ ପାଠ ପଢ଼ା ସରେନାହିଁ । ପ୍ରତ୍ୟେକଟି ବିଷୟ କ'ଣ ? କାହିଁକି ? ଅର୍ଥାତ ପାଠଟି କ'ଣ ପାଇଁ ଉଦ୍ଦିଷ୍ଟ ଏବଂ ଏହା କୋଉ ସତ୍ୟକୁ ଇଙ୍ଗିତ କରୁଛି ପିଲାମାନେ ଜାଣିବା ଉଚିତ । ଏହାହେଲେ ଚନ୍ଦ୍ର ଅବସ୍ଥାରେ ପୃଥିବୀ ଚାରିପଟେ ବୁଲିବା ସମୟରେ ଯଦି ନିଜ ଚାରିପଟେ ବୁଲିବା ଶିଖିଯାନ୍ତା ସୂର୍ଯ୍ୟ ଚାରିପଟେ ନିଜକୁ expose କରିଦିଅନ୍ତା ଏବଂ ପରବର୍ତ୍ତୀ ଅବସ୍ଥାରେ ପୃଥିବୀରେ ପରିଣତ ହୋଇଯାଆନ୍ତା । ନିଜର କୌଣସି Dark sight ରୁହନ୍ତା ନାହିଁ । ଯାହାର ସଂଜ୍ଞା ହୁଅନ୍ତା ଧର୍ମ ବା ପୃଥିବୀ । ପୃଥିବୀ ପୃଷ୍ଠର ନିୟମିତ ବାସିନ୍ଦା ହୋଇଯାଆନ୍ତା ଯାହାର କିଛି ଅଭାବ ରୁହନ୍ତା ନାହିଁ ଏବଂ ଯାହାର କେହି ଶତ୍ରୁ ରୁହନ୍ତେ ନାହିଁ । ସଂଗ୍ରହ = ସମ୍+ଗ୍ରହ । ଏହି ଗ୍ରହ ସଂଲଗ୍ନ ରୋଗରୁ ମୁକ୍ତି ପାଇଯାନ୍ତା । ଗୀତାର ତତ୍ତ୍ୱ ଅନୁସାରେ ସେ ନିର୍ଲିପ୍ତ ହୋଇଯାନ୍ତା । ବର୍ତ୍ତମାନ ସମସ୍ତେ ସଂଗ୍ରହରେ ବ୍ୟସ୍ତ ଯେଉଁଥିପାଇଁ ପୃଥିବୀ ଉପରେ ଅତିରିକ୍ତ ଚାପ ପଡୁଛି । ଗ୍ରହ ଦୋଷରୁ ମୁକ୍ତ ରହିଲେହିଁ ଆତ୍ମାର ସ୍ଥିତି ବଳବତ୍ତର ରହିବ ଏବଂ ପରବର୍ତ୍ତୀ ଅବସ୍ଥାରେ ବ୍ରହ୍ମରେ ବିକଶିତ ହୋଇ ଶକ୍ତିଯୁକ୍ତ ହୋଇପାରିବ । ଶକ୍ତି ଥିଲେ ହିଁ ସେ ନିଜକୁ ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିପାରିବ ।

ଏବେ ଆମେ ଶୁକ୍ର ଗ୍ରହ ବିଷୟରେ ଆଲୋଚନା କରିବା । ଶୁକ୍ର ଗ୍ରହର ଉତ୍ତାପ ବୁଧ ଗ୍ରହ ଠାରୁ ମଧ ଅଧିକ । ଆରମ୍ଭରେ ବୁଧ ଗ୍ରହର ଉତ୍ତାପ ଠାରୁ କମ ଥିଲେ ମଧ green house effect ଯୋଗୁଁ ଉତ୍ତାପ ୪୬୦୦ ଉ ପର୍ଯ୍ୟନ୍ତ ପହଞ୍ଚିଯାଏ । ଶୁକ୍ର ଗ୍ରହର ଆକାର ପୃଥିବୀ ଗ୍ରହ ପାଖାପାଖି । ଏହାର ୮୦ ଭାଗ ଅଞ୍ଚଳ ଜ୍ୱାଳାମୁଖିରେ ପରିପୂର୍ଣ୍ଣ । ଗ୍ରହର ଚର୍ତୁଃପାର୍ଶ୍ୱରେ $CO_2$, $SO_2$ ଏବଂ ସଲଫ୍ୟୁରିକ ବମସୟରେ ପରିପୂର୍ଣ୍ଣ । Atmospheric pressure ପୃଥିବୀ ଠାରୁ ବହୁଗୁଣ ଅଧିକ । green house effect ଯୋଗୁଁ ସୂର୍ଯ୍ୟର ଆଲୋକ ଏଠାରେ ଉତ୍ତାପ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହା କୁହାଯାଇପାରେ ଯେଉଁ ଲୋକ ଭିତରେ ଭିତରେ କୁହୁଳୁଥାଏ ନିଶ୍ଚିତ ଭାବରେ ଶୁକ୍ର ଦ୍ୱାରା ପ୍ରଭାବିତ । ଶୁକ୍ରର ଚନ୍ଦ୍ର ନାହିଁ । ସୂର୍ଯ୍ୟ ଚାରିପଟେ ବୁଲିଆସିବାକୁ ୨୨୫ଦିନ ଲାଗୁଥିଲେ ମଧ ନିଜ ଚାରିପଟେ ୨୪୩ ଦିନ ସମୟ ଲାଗିଥାଏ । ସବୁଠୁ ଆଶ୍ଚର୍ଯ୍ୟର କଥା ଅନ୍ୟଗ୍ରହମାନେ ନିଜ ଚାରିପଟେ ଯେଉଁଭଳି ବୁଲନ୍ତି ଶୁକ୍ର ତାର ବିପରିତ ମାର୍ଗରେ ବୁଲୁଥାଏ । ଗନ୍ଧର୍ବମାନେ ଯେପରି ଚନ୍ଦ୍ରକୁ carry କରିଥାନ୍ତି, ଅସୁରମାନେ ଶୁକ୍ରର ଗୁଣକୁ carry କରନ୍ତି । ଦୂଷିତ ପରିବେଶ ଶୁକ୍ର ଗ୍ରହର ପ୍ରଭାବକୁ ଅନେକାଂଶରେ ବଢ଼ାଇ ଦେଇଥାଏ । କଂସାସୁର ଯେ ଶୁକ୍ରଗ୍ରହ ଦ୍ୱାରା ପୀଡ଼ିତ ଥିଲା ଏଠାରେ ନିଃସନ୍ଦେହରେ କୁହାଯାଇପାରେ । ଶୁକ୍ର ଯେମିତି ଚାପ ସୃଷ୍ଟି କରେ ପୀଡ଼ିତ ଲୋକ ବାସ୍ତବ ଜୀବନରେ ଅନ୍ୟ ମାନଙ୍କ ଠାରେ ଚାପହିଁ ସୃଷ୍ଟି କରିଥାନ୍ତି । ଯେଉଁ ମଣିଷ ମାନଙ୍କର ମନ ମରିଯାଏ ପରବର୍ତ୍ତୀ ଅବସ୍ଥାରେ ଶୁକ୍ର ଗ୍ରହ ତୁଲ୍ୟ ହୋଇଯାନ୍ତି ।

ମଙ୍ଗଳ ଗ୍ରହର ଗଠନ ଆଇରନ ଅକ୍ସାଇଡ଼ରେ ପରିପୂର୍ଣ୍ଣ ଯାହାକୁ ଆମେ ଲୋହିତ ଗ୍ରହ ବୋଲି କହିଥାଉ । ମଙ୍ଗଳର ଦୁଇଟି ଉପଗ୍ରହ ବା ଚନ୍ଦ୍ର । ମଙ୍ଗଳ ଗ୍ରହକୁ planet of war ବୋଲି ମଧ କୁହାଯାଇଥାଏ । ମଙ୍ଗଳ ଗ୍ରହଦ୍ୱାରା affected ଲୋକ double minded ହୋଇଥାନ୍ତି । କଥା ଓ କାମ ଭିତରେ କିଛି ତାଳ ମେଳ ରହେନାହିଁ । ଉଦାରତା ମାଧ୍ୟମରେ ଏଇ ଗ୍ରହଦୋଷରୁ ତ୍ରାହି ମିଳିପାରେ ।

ବୃହସ୍ପତି ଗ୍ରହ ଏକ ଶୁଭଗ୍ରହ । ଗ୍ରହଟି ପ୍ରାୟତ ଗ୍ୟାସୀୟ । ଅନେକ ଗୁଡ଼ିଏ ଚନ୍ଦ୍ର । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଯେ ବୃହସ୍ପତି ଗ୍ରହର Centre of gravity ଗ୍ରହ ବାହାରେ । ବୃହସ୍ପତି ହେଲେ ଦେବଗୁରୁ । ଦେବତାମାନେ ବୃହସ୍ପତିଙ୍କ ଗୁଣକୁ carry କରିଥାନ୍ତି । ବିଭୁତି ଯୋଗରେ ଯଥାର୍ଥରେ କୁହାଯାଇଛି ପୁରୋହିତଙ୍କ ମଧ୍ୟରେ ବୃହସ୍ପତି । ଏଇ ଗ୍ରହର ପ୍ରାୟ ୭୪% ହାଇଡ୍ରୋଜେନ ଓ ୨୩% ହିଲିୟମ । ବୃହସ୍ପତି ଭଳି ହୋଇପାରିଲେ ଶତ୍ରୁଭୟ କମିଥାଏ । ଦେବତ୍ୱ ବଢ଼ିଥାଏ ।

ଶେଷରେ ଶନିଗ୍ରହ ବିଷୟରେ ଆଲୋଚନା କରିବା । ଶନିଙ୍କୁ ସମସ୍ତଙ୍କର ଭୟ । ଶନି ଯେ କ୍ଷତିକାରକ ପ୍ରାୟ ସମସ୍ତେ ଜାଣନ୍ତି । ତେବେ ଶନିଙ୍କର ଜନ୍ମ ବୃତ୍ତାନ୍ତକୁ ନେଇ ଏକ ସୁନ୍ଦର କାହାଣୀ ରହିଛି । ସେ ହେଲେ ସୂର୍ଯ୍ୟଙ୍କର ପୁତ୍ର । ମା ଛାୟା । ସୂର୍ଯ୍ୟଙ୍କର ସ୍ତ୍ରୀ ହେଲେ ସଂଜ୍ଞା । ତାଙ୍କର ପୁତ୍ର ଧର୍ମ । ପରବର୍ତ୍ତୀ ଅବସ୍ଥାରେ ସଂଜ୍ଞା ସୂର୍ଯ୍ୟଙ୍କର ତେଜକୁ ସାମନା କରିପାରିଲେ ନାହିଁ । ତପସ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କର ଏକ ଦାସୀ ଛାୟାକୁ ସୂର୍ଯ୍ୟଙ୍କର ନିକଟରେ ଛାଡ଼ିଗଲେ । ଛାୟାଙ୍କର ଏକ ପୁତ୍ର ଶନି ଏବଂ କନ୍ୟା ଯମି ଜନ୍ମ ନେଲେ । କିଛି ଦିନ ପରେ ଛାୟାଙ୍କର ତାଙ୍କ ସନ୍ତାନ ମାନଙ୍କ ପ୍ରତି ବ୍ୟବହାରକୁ ନେଇ ସୂର୍ଯ୍ୟ ବ୍ୟଥିତ ହେଲେ । ପରେ ସବୁକଥା ସୂର୍ଯ୍ୟ ସବୁ ଜାଣିଗଲେ ।

ସୂର୍ଯ୍ୟଙ୍କର ପୁତ୍ର ହେତୁ ଶନିଙ୍କ ଠାରେ ବିକିରଣ ପ୍ରକ୍ରୀୟା କିଞ୍ଚିତ ମାତ୍ରାରେ ରହିଗଲା । ସେଥିପାଇଁ କୁହାଯାଏ ଶନିଦୃଷ୍ଟି ପଡ଼ିଲେ ଜଣଙ୍କ ଠାରେ ଅନ୍ତର୍ଦାହ ଦେଖାଦିଏ । ଭିତରେ ଭିତରେ ଲୋକଟି ଜଳେ । ଈର୍ଷା, ପରଶ୍ରୀକାତରତା ସେଇଠୁ ସୃଷ୍ଟିହୁଏ । କୁହାଯାଏ ଶନିଙ୍କ ଦୃଷ୍ଟି ଥରେ ପଡ଼ିଲେ ମୁକ୍ତିଲାଭ ପାଇଁ ୩୦ ବର୍ଷ ଲାଗିଯାଇପାରେ କାରଣ ସୂର୍ଯ୍ୟ ଚାରିପଟରେ ବୁଲି ଆସିବାକୁ ଶନି ଗ୍ରହକୁ ପାଖା ପାଖି ୩୦ ବର୍ଷ ଲାଗେ । ଅବିଶ୍ୱାସଭାବ ମଧ ଶନିଗ୍ରହ ଦ୍ୱାରା ହୋଇପାରେ । ଓଲଟା ଘଟଣା ସବୁ ମଧ ଘଟିପାରେ । ଶନିଗ୍ରହ ପ୍ରାୟ ୯୬% ହାଇଡ୍ରୋଜେନ ଏବଂ ବାକି ହିଲିୟମ । ବୃହସ୍ପତି ପରି ଶନି ମଧ ଗ୍ୟାସ ଅବସ୍ଥାରେ ଥାଏ । ଏହା ବହୁତ ହାଲୁକା । ପାଣିରେ ଶନିଗ୍ରହକୁ ଛାଡ଼ିଦେଲେ ଭାସିବ । ଯେତେବେଳେ ମଣିଷର ଧାରଣ ଶକ୍ତି କମିଯାଏ ଅନ୍ୟର କଥାକୁ ଧାରଣ କରିପାରେ ନାହିଁ ଏବଂ ଅନ୍ଦର ସେ ଅନ୍ଦର ଜଳୁଥାଏ । ଜାଣିଶୁଣି ପାପ କରୁଥିବା ବ୍ୟକ୍ତିଙ୍କର ଅନ୍ତର୍ଦାହ ସର୍ବାଧିକ । କାରଣ ଅବୈଧ କର୍ମ ହିଁ ପାପ । ଅପବିତ୍ରତା ଶନିଙ୍କୁ ଆମନ୍ତ୍ରଣ କରିଥାଏ । ପଞ୍ଚମହାଭୁତରୁ ଅଗ୍ନି ଓ ଆକାଶ ପରସ୍ପର ରେସି ପ୍ରୋକାଲ । ଅଗ୍ନି ବା ତେଜ ରହିଲେ କ୍ଷତ୍ରୀୟ ସ୍ୱଭାବ ବଳବତ୍ତର ରହେ କାରଣ ସେମାନଙ୍କ ଠାରେ ଶୂନ୍ୟତା ଭରି ରହିଥାଏ । ସେମାନଙ୍କ ଠାରେ ଅନ୍ତର୍ଦାହ ଦେଖାଯାଏ ନାହିଁ । ରାହୁ ଏବଂ କେତୁ ଦୁହେଁ ହେଲେ ଛାୟା ଗ୍ରହ । ଏମାନେ ହେଲେ ଶନିଙ୍କର associates ଜଣେ ବ୍ୟକ୍ତିର ଆଂଶିକ ପ୍ରକାଶ ପାଇଁ responsible ଜଣେ ମନର ଏବଂ ଆଉ ଜଣେ ଦେହର ।

ସୁତରାଂ ଗ୍ରହ ସଂସ୍କାର ଏକ ବୃହତ ପାଠ । ଏଠାରେ କିଛି awareness ପାଇଁ କୁହାଗଲା । ଆମେ ଗୋଟେ ପିଲାର ଗ୍ରହ ଦୋଷକୁ ତାର ପରିଚୟ ବୋଲି ଧରିନେବା ଉଚିତ ନୁହେଁ । ଏଇଟା ଗୋଟେ ଅସ୍ୱାଭାବିକ ପ୍ରକାଶ । ତେଣୁ ଧୈର୍ଯ୍ୟର ସହ ସମୟ କଟାଇବା କଥା । ଯେତେବେଳେ ତା' ଭିତରେ ତ୍ୟାଗ ମନୋଭାବ (ସୂର୍ଯ୍ୟପରି) ଆସିଲା ଆମେ ଜାଣିବା ସେ ଗ୍ରହଦୋଷରୁ ମୁକ୍ତ ଏବଂ ପିଲାଟା ଗୋଟେ ମଣିଷ ହେବ ।

ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ,
ଓଡ଼ିଶା ସରକାର
ମୋ.ନଂ- ୯୪୩୭୦୬୮୯୧୯

# ଜୀ-ସାର୍ଥକ ଓ ଓଡ଼ିଶାର ନମ୍ବର ୱାନ୍ ମେଗା ଧାରାବାହିକ 'ସୁନା ଝିଅ' ୧୦୦୦ତମ ଏପିସୋଡର ମାଇଲଖୁଣ୍ଟ ଅତିକ୍ରମ କରିଲା

ଭୁବନେଶ୍ୱର, ୧୯/୭ (ନି.ପ୍ର): ଜୀ-ସାର୍ଥକର ପାରିବାରିକ ମେଗା ଧାରାବାହିକ 'ସୁନା ଝିଅ' ଓଡ଼ିଶାର ଅଗଣିତ ଦର୍ଶକଙ୍କ ଅହେତୁକ ଭଲ ପାଇବା ଯୋଗୁଁ ଏବେ ଜୀ-ସାର୍ଥକ ଚାନେଲ୍ ରେ ପ୍ରତ୍ୟେକ ସୋମବାର ରୁ ଶନିବାର ସନ୍ଧ୍ୟା ୭ଟା ୩୦ରେ ପ୍ରସାରିତ ହୋଇ ଟେଲି ଦୁନିଆରେ ଧମାଲ କରୁଥିବା ବେଳେ ସଫଳତାର ସହ ୧୦୦୦ତମ ଏପିସୋଡରେ ପହଞ୍ଚିଛି । ଗତ ୩ ବର୍ଷ ଧରି ଜୀ-ସାର୍ଥକରେ ପ୍ରସାରିତ ଏହି ମେଗା ଧାରାବାହିକ ଆସନ୍ତା ୧୮ ତାରିଖ ଅର୍ଥାତ୍ ଶୁକ୍ରବାର ଦିନ ଛୁଇଁଚି ୧୦୦୦ତମ ଏପିସୋଡର ମାଇଲଖୁଣ୍ଟ । ଓଡ଼ିଶାର ଟେଲିଭିଜନ ଦୁନିଆରେ ମେଗା ଧାରାବାହିକ ସମୂହ ମଧ୍ୟରେ 'ସୁନାଝିଅ' ଏକ ନୂତନ ଇତିହାସ ସୃଷ୍ଟି କରିବା ସହ ଆଗକୁ ବଢି ଚାଲିଛି, ଯେଉଁଥି ପାଇଁ 'ସୁନା ଝିଅ'ର ପୁରା ଟିମ ନିଜର ସମସ୍ତ ଦର୍ଶକଙ୍କୁ ଦେଇଛନ୍ତି ଧନ୍ୟବାଦ ଓ ଅନୁରୋଧ କରିଛନ୍ତି ଏହି ଐତିହାସିକ ଏପିସୋଡ ସହିତ ଯୋଡିହେବା ପାଇଁ । ନାରୀର ସୃଜନଶୀଳତା ଓ ଅଦମ୍ୟ ସାହସକୁ ସମ୍ମାନ ଦେଇ ଆସୁଥିବା ଜୀ-ସାର୍ଥକ 'ସୁନାଝିଅ'ର କାହାଣୀ ମଧ ସେହି ପରି । ଆରମ୍ଭ ହୋଇଥିଲା ଆମ ଓଡିଆ ଘରର ଏକ ନିଛକ କାହାଣୀକୁ ନେଇ । ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ କଠିନ ପରିଶ୍ରମ ବଳରେ ଝିଅଟିଏ ନିଜ ସ୍ୱପ୍ନ ପୂରଣ କରିବା ସହ ଗୃହିଣୀ ମାଆ ପାଇଁ ଓ ସମାଜ ପାଇଁ ସୁନାଝିଅ ହୋଇଛି ତେବେ ଗତବର୍ଷ ଡିସେମ୍ବର ୧୭ ତାରିଖରେ ଶେଷ ହୋଇଥିଲା କାହାଣୀର ପ୍ରଥମ ସୋପାନ ଯେଉଁଥିରେ ଦର୍ଶକ ଦେଖିଥିଲେ ପ୍ରିୟା ଓ ବିଷ୍ଣୁଙ୍କ ସଫଳ ଦାମ୍ପତ୍ୟ ଜୀବନରେ ଆସିଥିଲେ ଦୁଇ ଝିଅ ଅଂଶୁ ଓ ବଂଶୁ । ଦ୍ୱିତୀୟ ସୋପାନରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଜ ଦୁଇ ଝିଅଙ୍କ ସହ ଆଗକୁ ବଢିଥିଲେ ପ୍ରିୟା । ଏହି ଐତିହାସିକ ୧୦୦୦ତମ ଏପିସୋଡ ପର ଠାରୁ ଆରମ୍ଭ ହେଉଛି କାହାଣୀର ତୃତୀୟ ସୋପାନ ଯେଉଁଥିରେ ନିଜ ଝିଅକୁ ଅସୁବିଧାରୁ ବଞ୍ଚାଇବାକୁ ପୁଣି ଆଗକୁ ଆସିଛନ୍ତି ପ୍ରିୟା ଓ କାହାଣୀରେ ଆସିଛି ଏକ ନୂଆ ମୋଡ଼ । ତେବେ କାହାର ପ୍ରେମ, କାହାର ବନ୍ଧୁତା ଓ କାହାର ବଳିଦାନ ଦେଖିବା ଏହି ସୁପରହିଟ ପାରିବାରିକ ଓ ଓଡ଼ିଶାର ନମ୍ବର ୱାନ୍ ମେଗା ଧାରାବାହିକରେ । ଧାରାବାହିକରେ ପ୍ରମୁଖ ଭୂମିକାରେ ଅଛନ୍ତି ସମ୍ଭବ ମାନସିଂହ, ଅଙ୍କିତା ମିଶ୍ର, ଶ୍ୱେତା ଆଚାର୍ଯ୍ୟ ଓ ଅନ୍ୟମାନେ । ସଂଳାପ ରଚନା କରିଛନ୍ତି ଶ୍ରୀହର୍ଷ କର, ନିର୍ଦ୍ଦେଶନା ଦେଉଛନ୍ତି ଗୌରୀଶଙ୍କର ଦାସ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଅକ୍ଷୟ ପରିଜା। ଓଡିଆ ମନୋରଂଜନ କ୍ଷେତ୍ରରେ ସବୁବେଳେ ଆଗୁଆ ଜୀ-ସାର୍ଥକ ର 'ସୁନାଝିଅ'କୁ ସବୁବେଳେ ନମ୍ବର ୱାନ୍ କରୁଥିବାରୁ ଓଡ଼ିଶା ତଥା ରାଜ୍ୟ ବାହାରର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଚାନେଲ୍ ମୁଖ୍ୟ ପ୍ରତୀକ ସିଲ୍ ।



## ଜିଲ୍ଲା ରାଜସ୍ୱ ବୈଠକ ଅନୁଷ୍ଠିତ

ପୁରୀ , ୧୯/୭ (ନି.ପ୍ର): ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ରାଜସ୍ୱ ଆଦାୟ ର ଧାର୍ଯ୍ୟ ଲକ୍ଷ୍ୟ କୁ ପୂରଣ ପାଇଁ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ରାଜସ୍ୱ ମାମଲା ଗୁଡିକର ତ୍ୱରାନ୍ୱିତ ସମାଧାନ, ସାଧାରଣ ଲୋକଙ୍କୁ ଉପଯୁକ୍ତ ସମୟ ଅବଧି ରେ ବବିଧ ରାଜସ୍ୱ ପ୍ରମାଣପତ୍ର ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।ସରକାରୀ ଜମିର ସୁରକ୍ଷା, ଭୂମି ହୀନ ଙ୍କୁ ଚିହ୍ନଟ, ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଚିହ୍ନଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ମୋଟର ଯାନ ରାଜସ୍ୱ ସଂଗ୍ରହ, ଅବକାରୀ ରାଜସ୍ୱ, ଷ୍ଟାମ୍ପ ଡ୍ୟୁଟି,ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯିବା ସହ ରାଜସ୍ୱ ଅଧିକାରୀ ମାନଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ପିକେଡିଏ ସଚିବ ଦିଲ୍ଲୀପ ମହାରଣା, ରାଜସ୍ୱ ଡେପୁଟି କଲେକ୍ଟର ସହଦେବ ସାହୁ,ଜିଲ୍ଲାର ସମସ୍ତ ତହସିଲଦାର,ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ନୋଟିସ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିଦିଆଯାଉଛି କି ଶ୍ରୀ ରଞ୍ଜନ କୁମାର ସାହୁ, ପିଃ ମଦନମୋହନ ସାହୁ, ଗ୍ରାମ- ନୂଆସାହି, ପୋ- ବାଲିଆ, ଭାୟା- କୁରୁଡ଼ା, ଥାନା- ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର, ଓଡ଼ିଶା, ପିନ-୭୫୬୦୫୬ । ନିଜସ୍ୱ ଭୂ-ସମ୍ପତ୍ତି ମୌଜା- ବାଲିଆ, ତହସିଲ-ରେମୁଣା, ଥାନା- ବାଲେଶ୍ୱର, ଜିଲ୍ଲା- ବାଲେଶ୍ୱର ପ୍ଲଟ ନଂ- ୨୯୯/୪୩୮୪, ଖାତା ନମ୍ବର- ୩୮୭/୩୯୮୦କୁ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ବାଲେଶ୍ୱର ଶାଖାରୁ ବନ୍ଧକ ଦେଇ ଋଣ ଗ୍ରହଣ କରୁଛୁ । ଉକ୍ତ ବନ୍ଧକ ସମ୍ବନ୍ଧରେ କାହାରି କିଛି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ ୧୪ଦିନ ମଧ୍ୟରେ ଓକିଲ ଶ୍ରୀ ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରିପାରିବ, ଯୋଗାଯୋଗ ନମ୍ବର ୮୨୪୯୬୫୮୩୯୭ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ରଞ୍ଜନ କୁମାର ସାହୁ

## ୱେଲନେସ ସେଣ୍ଟରର ଚାବି କାଟି ଚୋରି : ନଗଦ ଟଙ୍କା, ଲାପଟପ ଓ ଏଚପି କମ୍ପାନୀର ହାର୍ଡଡିସ୍କ ଚୋରି: ଥାନାରେ ଅଭିଯୋଗ

ଜଳେଶ୍ୱର, ୧୯/୭ (ନି.ପ୍ର): ବର୍ତ୍ତନା ସ୍ଥିତ ୱେଲନେସ ସେଣ୍ଟରର ଚାବୀ କାଟି ଚୋରୀ ।ନଗଦ ଟଙ୍କା, ଲାପଟପ ଓ ଏଚପି କମ୍ପାନୀର ହାରଡିସ୍କ ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡକ୍ଟ ଚୋରୀ, ଥାନାରେ ଅଭିଯୋଗ ।ସୂଚନା ଅନୁଯାଇ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ଗ୍ରାମର ଅଦ୍ୱୈତ୍ୟ ବାବାଜୀ ମଠ ଓ ଜଳେଶ୍ୱର ପଶ୍ଚିମବାର୍ଡ଼ ଆରଡି ରାସ୍ତା ପାଖରେ ଥିବା ଉକ୍ତ ବର୍ତ୍ତନା ଗ୍ରାମର କୃତିବାସ ଜେନାଙ୍କ ଘରର ପ୍ରଥମ ମହଲା କୋଠରୀକୁ ଗୌରୀବେଲଦା ଗ୍ରାମର କାର୍ତ୍ତିକ ଜେନା ସ୍ୱାସ୍ଥ୍ୟ ୱେଲନେସ ସେଣ୍ଟର କରିବା ପାଇଁ ଭଡ଼ା ସୂତ୍ରରେ ନେଇଥିଲେ ।ଉକ୍ତ ୱେଲନେସ ସେଣ୍ଟର କୁ ପ୍ରତ୍ୟେକ ଦିନ ବହୁ ଲୋକ ଆସି ଯୋଗ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡାକ୍ଟ ଖାଇ ସୁସ୍ଥ ହୋଇଥାନ୍ତି । ଗତ କାଲି କେହି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆସି ଘରର ପ୍ରଥମ ମହଲା ମୁଖ୍ୟ ଫାଟକରେ ଲାଗିଥିବା ଦୁଇଟି ତାଲା ଓ ଭିତର କୋଠରୀର ଗୋଟିଏ ତାଲା କଟର ସାହାଯ୍ୟରେ ଭାଙ୍ଗି କୋଠରୀରେ ଥିବା ଲାପଟପ, ଏଚପି କମ୍ପାନୀର ହାରଡିସ୍କ, ଟେବୁଲରେ ଥିବା ଡ୍ରୟାର ଭିତରୁ ନଗଦ ୧୪ ହଜାର ୨ ଶହ ଟଙ୍କା ଚୋରୀ କରି ନେଇ ଯାଇଛନ୍ତି ଏବଂ କାନ୍ଥରେ ଲାଗିଥିବା ଫେନ ଖୋଲି ନେଇ ତଳେ ପକାଇବା ସହିତ କିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡାକ୍ଟ ନେଇ ସେଠାରେ ମଦମାଂସ ଖାଇଥିବା ଅଭିଯୋଗକାରୀ ଦେଖିବାକୁ ପାଇଥିଲେ ।ପରେ କାର୍ତ୍ତିକ ଜେନା ନାମ୍ପୋ ଫାଣ୍ଡିରେ ଚୋରୀ ହୋଇଥିବା ବିଷୟରେ ଏକ ଲିଖିତ ଅଭିଯୋଗ କରିଥିଲେ । ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ଆଜି ଅପରାହ୍ନରେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଘଟଣା ତଦନ୍ତ କରିଥିବା ଜଣା ପଡ଼ିଛି ।




## ରାସନ୍ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୯/୭ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ବ୍ଲକ ପକ୍ଷରୁ ରାସନ୍ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ, ଖାଉଟି କଲ୍ୟାଣ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ ଶ୍ରୀ ପାତ୍ର ହିତାଧିକାରୀ ମାନଙ୍କୁ ରାସନ୍ କାର୍ଡ ବାଣ୍ଟିବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ସାଂସଦ ପ୍ରତିନିଧି ଭଗବାନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ତନ୍ମିତା କର, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା । ଅମୀୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଅନିଶ୍ ସୁବୁଦ୍ଧି ରାୟ, ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ସେନାପତି, ବିଜେପି ନେତା ଉଦୟ ନାରାୟଣ ମଲ୍ଲିକ, ଜଗବନ୍ଧୁ ଦାସ,ଅସିତ୍ କୁମାର ଦାଶ, ମହେଶ୍ୱର ଧଳ, ଅଧିବକ୍ତା ଢକ୍କର ନୀରଦ କୁମାର ଦାଶ,ଲିଙ୍କନ୍ ଦଳାଇ, ମଣ୍ଡଳ ସଭାପତି ଅମରେନ୍ଦ୍ର ଦାସ, ହେମନ୍ତ ସନ୍ଧି ବିଗ୍ରହ,ବରଣ୍ଡଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ପ୍ରତାପ ସେନାପତି, ଆର୍ତ୍ତୁଙ୍ଗ ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ବାସୁଦେବପୁର ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ସୁଶାନ୍ତ ମହାକୁଡ଼, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁବ୍ରତ ବେହୁରା, ରମେଶ ଚନ୍ଦ୍ର ଚଣ୍ଡ, ହରି ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।




## ନୃତ୍ୟ ସଂଗୀତ କଳାମନ୍ଦିରର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, ୧୯/୭ (ନି.ପ୍ର): ନୃତ୍ୟ ସଙ୍ଗୀତ କଳା ମନ୍ଦିରର ବାର୍ଷିକ ସାଧାରଣ ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ । ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ବାର୍ଷିକ ବିବରଣୀ ଓ ଆୟବ୍ୟୟ ବିବରଣୀ ଉପସ୍ଥାପିତ କରିବାପରେ ତାହାକୁ ଅନୁମୋଦନ କରାଯାଇଥିଲା । ଆସନ୍ତାବର୍ଷ ପାଇଁ ପ୍ରାୟ ୧୭ ଲକ୍ଷ ଟଙ୍କାର ବଜେଟକୁ ଅନୁମୋଦନ କରାଯାଇଛି । ଅନୁଷ୍ଠାନର ଉପର ମହଲା ଗୃହନିର୍ମାଣ କାର୍ଯ୍ୟ ଶେଷ କରିବା, ପରିଚାଳନାରେ ସହଯୋଗ କରିବା ଓ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କଳାପ୍ରଦର୍ଶନ ଓ ପ୍ରତିଯୋଗିତା ପାଇଁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ନିମିତ୍ତ କଳାମନ୍ଦିରର ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ୩ଟି ସବ୍‌କମିଟି ଗଠନ ହୋଇଛି । ସେହିପରି ଅନୁଷ୍ଠାନ ପକ୍ଷରୁ ଏକ ଆଭ୍ୟନ୍ତରିଣ ଅଭିଯୋଗ କମିଟି ସାଧାରଣ ସଭାରେ ବରିଷ୍ଠ ସଦସ୍ୟ ସଦସ୍ୟମାନଙ୍କୁ ନେଇ ଗଠନ କରାଯାଇଛି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରୁ ଆର୍ଥିକ ସହାୟତା ପାଇବା ପାଇଁ ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅନୁରୋଧ କରାଯାଇଥିବା ସଂପର୍କରେ ସଂପାଦକ ଶ୍ରୀ ଘୋଷ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କୁ ଅବଗତ କରାଇଥିଲେ । ରାଜ୍ୟ ଓ ଜାତୀୟ ସ୍ତରରେ ଆମ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ସଂପର୍କରେ ସେ ସୂଚନା ଦେଇଥିଲେ । ବୈଠକରେ ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ, ଉପସଭାପତି ସୁଜିତ୍ ଦେବ ଓ ଉତ୍ପଳ ମହାନ୍ତି, କୋଷାଧ୍ୟକ୍ଷ ହରେନ୍ ଚନ୍ଦ୍ର ରଣାଙ୍କ ସମେତ ଶରତ କୁମାର ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ଡ. କାଳିପଦ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ହେମେନ୍ଦ୍ର ମହାପାତ୍ର, କମଳାକାନ୍ତ ଆଚାର୍ଯ୍ୟ, ସୁଦିପ୍ତା ମହାନ୍ତି ଓ ଗୀତାଞ୍ଜଳି ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଓ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି । ଏହି ସଭାରେ ବିନାୟକ ପ୍ରସାଦ ସାହୁ, ସତ୍ୟସିଂହ ଦାସ, ବନ୍ଦିତା ସାହୁ, ଶୈଳବାଳା ମହାପାତ୍ର, ସୁକାନ୍ତ ନାୟକ, ମଦନ କୁମାର ବର୍ଦ୍ଧନ, ବିରେନ୍ଦ୍ର ସ୍ୱାଇଁ, ସ୍ମୃତି ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଜୟନ୍ତୀ ନାୟକ, ସୌରଭ କୁମାର ବେହେରା ଓ ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମନାଥ ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୁଖ୍ୟମନ୍ତ୍ରୀଙ୍କ ବଡ଼ ...

ଏତଲା ଦେଇ ଏହାକୁ କାର୍ଯ୍ୟକାରୀ କରିପାରିବେ । ଶକ୍ତି ଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଜଣେ ଛାତ୍ରୀ ଶକ୍ତି ଶ୍ରୀ ସାଥୀ ଭାବେ କାମ କରିବେ, ଜଣେ ଅଧ୍ୟାପିକା ଶକ୍ତି ଶ୍ରୀ ସଂଯୋଜିକା ହିସାବରେ କାମ କରିବେ । ଏହାସହ ଜିଲ୍ଲାପାଳଙ୍କ ଦ୍ୱାରା ନିୟୋଜିତ ହୋଇଥିବା ୫ ଜଣ ମହିଳା ଶକ୍ତି ଅପା ଭାବେ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଟ୍ରମ୍ପଙ୍କ ବଡ଼ ...

ଆଣବିକ ଯୁଦ୍ଧାସ୍ତ୍ର ରଖିଥିବା ଦେଶ । ଟ୍ରେଡ ଡିଲ୍ ଦ୍ୱାରା ମେ ବିବାଦର ସମାଧାନ କରିଥିଲୁ ।" ଟ୍ରମ୍ପ ଆହୁରି ଦାବି କରିଛନ୍ତି ଇରାନର ଆଣବିକ କାର୍ଯ୍ୟକ୍ରମକୁ ଆମେରିକା ସଂପୂର୍ଣ୍ଣ ରୂପେ ଧ୍ୱଂସ କରି ଦେଇଛି । ସେ କହିଛନ୍ତି, "ଆପଣମାନେ ନିକଟରେ ଦେଖିବେ, ଇରାନ ସହ ଆମେ କ'ଣ କରିଛୁ । ଇରାନର ଆଣବିକ କାର୍ଯ୍ୟକ୍ରମକୁ ଆମେ ଧ୍ୱଂସ କରି ଦେଇଛୁ । ଏହା ସଂପୂର୍ଣ୍ଣ ଭାବେ ମାଟିରେ ମିଶି ଯାଇଛି ।" ଭାରତ-ପାକିସ୍ତାନ ଯୁଦ୍ଧକୁ ଟ୍ରମ୍ପ ସମାଧାନ କରିଥିବା ବାରମ୍ବାର କହି ଆସୁଥିଲେ ହେଁ ଏହାକୁ ନୂଆଦିଲ୍ଲୀ ଖଣ୍ଡନ କରି ଆସିଛି । ଭାରତର ଆକ୍ରମଣରେ ଘାଇଲା ହେବା ପରେ ପାକିସ୍ତାନ ପ୍ରଥମେ ଯୁଦ୍ଧ ବିରତି ଲାଗୁ କରିବାକୁ ଅନୁରୋଧ କରିଥିଲେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି ।

### ମହିଳା ନିର୍ଯାତନା ପ୍ରସଙ୍ଗରେ ...

ଘଟଣାରେ ଜାତୀୟ ମହିଳା କମିସନ ହସ୍ତକ୍ଷେପ କଲେ, କିନ୍ତୁ ରାଜ୍ୟ ମହିଳା କମିସନ କୋମାରେ ପଡିଛି । ଆଉଶୀଘ୍ର କମିସନ ନିଯୁକ୍ତି ପାଇ ଦାବି କରିଛି ବିଜେଡି ନ ହେଲେ ଆନ୍ଦୋଳନ ପାଇଁ ଧମକ ଦେଇଛି । ୯ ମାସ ହେଲା ରାଜ୍ୟରେ ମହିଳା କମିସନ ଅଧ୍ୟକ୍ଷା ପଦ ଖାଲି ପଡିଛି । ନଭେମ୍ବରରେ ତତ୍ ?କାଳୀନ ଅଧ୍ୟକ୍ଷା ମୀନତି ବେହେରାଙ୍କୁ ପଦରୁ ହଟାଇଦେଇଥିଲେ ସରକାର । ଏହାସହ ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ତୁରନ୍ତ ଏସବୁ ପଦବି ପୂରଣ ହେବ । କିନ୍ତୁ ଏହା ଏ ଯାଏଁ ହୋଇପାରିନି । ପରିଣାମ ହେଲା, ନ୍ୟାୟ ପାଉନାହାନ୍ତି ମହିଳା । ଆଉ ମହିଳା କମିସନଙ୍କ ପାଖରେ ମାଳ ମାଳ ମାମଲା ପଡିରହିଛି । ତଥ୍ୟ ଅନୁସାରେ, ଖୋର୍ଦ୍ଧାରେ ୪୫୦, କଟକରେ ୩୦୯, କେନ୍ଦ୍ରାପଡ଼ାରେ ୨୧୬, ପୁରୀରେ ୨୧୦ ମାମଲା କମିସନଙ୍କ କାର୍ଯ୍ୟାଳୟ ଫାଇଲ ଭିତରେ ରୁନ୍ଧି ହୋଇଗଲାଣି । ନାରୀ ନିର୍ଯାତନାକୁ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ଅକଳରେ ପକାଇଛି କଂଗ୍ରେସ । ରାଜରାସ୍ତାରେ ଗର୍ଜୁଛି, ଲୋକଙ୍କ ପାଖକୁ ଯାଇ ସରକାରଙ୍କୁ କାଠଗଡ଼ାକୁ ଟାଣିବା ଲାଗି ପ୍ରସ୍ତୁତ କରୁଛି ରଣନୀତି । ସେପଟେ ରାଜ୍ୟ ସରକାର ବିଧାନସଭାରେ ଦେଇଥିବା ଶ୍ୱେତପତ୍ର କହୁଛି, ମହିଳା ନିର୍ଯାତନା, ଦୁଷ୍କର୍ମ ଆଦି ଉପରମୁହାଁ । ଠିକ୍ ଏମିତି ସମୟରେ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛନ୍ତି । ମନ୍ତ୍ରୀଙ୍କ ତଥ୍ୟ ବୟାନ କରୁଛି ଯେ ରାଜ୍ୟରେ ଅଚଳ ହୋଇପଡ଼ିଛି ମହିଳା ଆୟୋଗ । ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ ଲାଗି ତିଆରି ହୋଇଥିବା ଆୟୋଗଙ୍କ ପାଖରେ ବନ୍ଧା ପଡ଼ିଛି ହଜାର ହଜାର ମହିଳାଙ୍କ ଭାଗ୍ୟ । ଖୋର୍ଦ୍ଧା ଜିଲ୍ଲାର ମାମଲା ସଂଖ୍ୟା ଅଧିକ । ଖୋର୍ଦ୍ଧାରେ ୪୫୦, କଟକରେ ୩୦୯, କେନ୍ଦ୍ରାପଡ଼ାରେ ୨୧୬, ପୁରୀରେ ୨୧୦ ମାମଲା କମିସନଙ୍କ କାର୍ଯ୍ୟାଳୟ ଫାଇଲ ଭିତରେ ରୁନ୍ଧି ହୋଇଗଲାଣି ।

ସରକାର ପରିବର୍ତ୍ତନ ପରେ ଏକ ରାଜନୈତିକ ନିଷ୍ପତ୍ତି କ୍ରମେ ସରକାର ଆୟୋଗର ସମସ୍ତଙ୍କୁ ବିଦା କରିଥିଲେ ବି ନୂଆ ନିଯୁକ୍ତି ଦେବାକୁ ଯେମିତି ଭୁଲିଯାଇଛନ୍ତି । ଗତ ଅକ୍ଟୋବରରେ ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ତୁରନ୍ତ ଏସବୁ ପଦବି ପୂରଣ ହେବ । ହେଲେ ଏସବୁ ଗଣମାଧ୍ୟମ ରିପୋର୍ଟରେ ରହିଯାଇଛି । ପରିଣାମ ହେଲା, ନ୍ୟାୟ ପାଉନାହାନ୍ତି ମହିଳା । ଘରୋଇ ହିଂସା, ଯୌତୁକ ନିର୍ଯାତନା ଶୁଣାଣି ଓ ସମାଧାନ ପାଇଁ ନିଯୁକ୍ତ ହୋଇଛନ୍ତି ମହିଳା କମିସନ । କିନ୍ତୁ ରାଜ୍ୟରେ ମହିଳାଙ୍କ ବିରୋଧରେ ହିଂସା ବଢ଼ିବଢ଼ି ଚାଲିଥିବାବେଳେ ସରକାର କାହିଁକି କମିସନ ନିଯୁକ୍ତି ଦେଉ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ପ୍ରସିଦ୍ଧ ଅଭିନେତା...

ଭଳି ବଡ଼ ସିନେ ତାରକାମାନଙ୍କ ସହ କାମ କରି ଦର୍ଶକମାନଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଥିଲେ । ଖବର ଅନୁସାରେ, ସେ ଦୀର୍ଘଦିନ ଧରି କିଡନି ସମ୍ବନ୍ଧୀୟ ରୋଗରେ ପୀଡିତ ଥିଲେ ଓ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ନ ମିଳିଥିବାରୁ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ଦେହାନ୍ତରେ ତେଲୁଗୁ ଚଳଚ୍ଚିତ୍ର ଜଗତ ଜଣେ ପ୍ରତିଭାଶାଳୀ ଶିଳ୍ପୀକୁ ହରାଇଛି । କିଡନୀ ଫେଲ୍ ହେବା କାରଣରୁ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଛି ।

## କୁଳଡିହା ଅଭୟାରଣ୍ୟର କୁଖ୍ୟାତ ହାତୀ ଦାନ୍ତଶିକାରୀ ସୁଶାନ୍ତ ଓରଫ ଟୁଟୁ ଗିରଫ

ନୀଳଗିରି , ୧୯/୭ (ନି.ପ୍ର): ବହୁଚର୍ଚ୍ଚିତ କୁଳଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ପୁଟିବନ୍ଧ ହୁଡିସାହି ଗ୍ରାମପାଖରେ ଏକ ଦନ୍ତାହାତୀର ଦାନ୍ତକୁ ଶିକାରୀମାନେ କାଢି ନେଇଥିଲେ । ବନ ବିଭାଗ ହାତୀ ମରିବାର କୌଣସି ଟେର ପାଇ ପାଇନଥିଲା ବେଳେ ଗାଁଲୋକ ପାଚାସଢା ହାତୀର ଶବକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ ଖବରପାଇ ମୃତ ହାତୀର ଗଳିତ ଶବକୁ ଜବତ କରି ଶବବ୍ୟବଚ୍ଛେଦ କରିଥିଲେ ମଧ ଶିକାରୀର ସନ୍ଧାନ ପାଇପାରିନଥିଲେ । ମୃତହାତୀର ରହସ୍ୟକୁ ନେଇ ବାରମ୍ବାର ଖବର ପ୍ରକାଶପାଇବା ପରେ ବନବିଭାଗର ନିଦ ଭାଙ୍ଗିଥିଲା । ହାତୀମୃତ୍ୟୁର ପ୍ରକୃତ ସତ୍ୟ ଜାଣିବା ପାଇଁ ସନ୍ଦେହରେ ପ୍ରଥମେ ଜଣେ ଶିକାରୀଙ୍କୁ ଗିରଫକରି ପଚରାଉଚରା ପରେ ହାତୀ ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇଥିଲା । ପରେ ବନବିଭାଗ ୫ଜଣ ଶିକାରୀଙ୍କୁ ଗିରଫ କରିଥିବା ବେଳେ ଦାନ୍ତ ସହିତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫକରିବାରେ ସଫଳ ହୋଇପାରିନଥିଲା । ଗତ ଜୁଲାଇ ୧୪ତାରିଖ ଦିନ ବନବିଭାଗ ସଂପୃକ୍ତ ଦନ୍ତାହାତୀର ଦାନ୍ତ ସହିତ ଗୋଟିଏ ପୁରୁଣାଦାନ୍ତକୁ ଜବତ କରିବା କରିବା ସହିତ ଜଣକୁ ଗିରଫ କରିଥିଲା । ହେଲେ ମୁଖ୍ୟ ମୁଖ୍ୟଆସାମୀ ଟୁଟୁକୁ ଧରିବାରେ ବିଫଳ ହୋଇଥିଲା ବେଳେ ବନବିଭାଗ ଗତ ଶୁକ୍ରବାର ବିଶେଷ ସୂତ୍ରରୁ ଖବରପାଇ ଜାମସେଦପୁର ଅଞ୍ଚଳରୁ ସୁଶାନ୍ତ ଓରଫ ଟୁଟୁକୁ ଗିରଫ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି । ଉକ୍ତ ଅଭିଯୁକ୍ତକୁ ଚାନ୍ଦିପୁର ବନଖଣ୍ଡ କାର୍ଯ୍ୟାଳୟକୁ ନିଆଯାଇଥିବା ଶୁଣିବାକୁ ମିଳିଛି । ଯଦି ଅଭିଯୁକ୍ତ ଶିକାରୀଙ୍କୁ ଧରିବାରେ ବନବିଭାଗ ସଫଳ ହୋଇଥାଏ ତେବେ ଏହାକୁ ଲୋକଲୋଚନକୁ ନଆଣିବା କେତେଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଟ୍ରକକୁ ପଛପଟୁ ଧକ୍କାଦେଲା ଯାତ୍ରୀବାହି ବସ ୩୦ରୁ ଉର୍ଦ୍ଧ୍ୱଯାତ୍ରୀ ଗୁରୁତର

ବସ୍ତା୧୯।୭(ନିପ୍ର) ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ର ଜୁଣବଳଦା ଛକ ନିକଟରେ ବିଳମ୍ବିତ ରାତ୍ରିରେ ଟ୍ରକ କୁ ପଛପଟୁ ଧକ୍କା ଦେଲା ଯାତ୍ରୀବାହି ବସ୍, । ୩୦ ରୁ ଉର୍ଦ୍ଧ ଯାତ୍ରୀ ଗୁରୁତର ହୋଇଥିବା ବେଳେ ଗୁରୁତର ମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରା ଯାଇଛି । ସୂଚନାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତି ରେ ୫୦ ରୁ ଉର୍ଦ୍ଧ ଯାତ୍ରୀ ନେଇ ଭୁବନେଶ୍ୱର ରୁ କଲିକତା ଅଭିମୁଖେ ଯାଉଥିଲା ଦାସ ଏଣ୍ଡ ଦାସ ନାମକ ଘରୋଇ ଯାତ୍ରୀବାହୀ ବସ୍, ବିଳମ୍ବିତ ରାତି ରେ ଜୁଣବଳଦା ନିକଟରେ ଛିଡ଼ା ହୋଇଥିବା କୋଇଲା ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା ।ବସର ଆଗ ସମ୍ପୁର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଘଟଣା ସ୍ଥଳକୁ ବସ୍ତା ପୋଲିସ ପହଞ୍ଚି ଗୁରୁତର ଯାତ୍ରୀ ମାନଙ୍କୁ ମୂଖ୍ୟଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି ।

## ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ରେ ଢେଙ୍କାନାଳ ଜିଲ୍ଲାରେ ଭୁବନ ପ୍ରଥମ

ଭୁବନ, ୧୯/୭ (ନି.ପ୍ର): ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ବର୍ଷ ରେ ଢେଙ୍କାନାଳ ଜିଲ୍ଲାରେ ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ପ୍ରଥମ ସ୍ଥାନ ହାସଲ କରିଥିବା ଜଣାପଡିଛି । ଏଥିପାଇଁ ଭୁବନରେ ଆନନ୍ଦ ପ୍ରକାଶ ପାଇଛି । କାମାକ୍ଷା ନଗର ଏନ୍ ଏ ସି ୩୧, ହିନ୍ଦୋଳ ଏନ୍ ଏ ସି ୭୦ ନମ୍ବର ସ୍ଥାନରେ ଥିବା ବେଳେ ଢେଙ୍କାନାଳ ମ୍ୟୁନିସପାଲଟି ୮୬ ତମ ସ୍ଥାନରେ ରହିଛି । ଗତ ୨୦୨୩-୨୪ ବର୍ଷ ଭୁବନ ରାଜ୍ୟରେ ୯୮ ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ୧୩ ଏବଂ ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ବୁଦ୍ଧିଜୀବୀ ମହଲ ଏଥିପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲୋକନାଥ ବେଜ ଙ୍କୁ ଶ୍ରେୟ ଦେବା ସହ ଉଚ୍ଚ ପ୍ରଶଂସା କରୁଛନ୍ତି । ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବେଜ ଏହାର ସମସ୍ତ ଶ୍ରେୟ ଭୁବନର ଜନ ସାଧାରଣ ,ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀ ମାନଙ୍କୁ ଦେଇଛନ୍ତି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମଧ ସ୍ୱଚ୍ଛ ସାଥୀ,ସ୍ୱଚ୍ଛ କର୍ମୀ ଓ ଭୁବନ ଜନ ସାଧାରଣ ଙ୍କୁ ଶ୍ରେୟ ଦେଇ ଆମେ ସମସ୍ତେ ସଚେତନ ହୋଇ କାର୍ଯ୍ୟ କଲେ ଆସନ୍ତା ବର୍ଷ ଭୁବନ୍ ଏନ୍ ଏ ସି ସାରା ରାଜ୍ୟରେ ପ୍ରଥମ ହେବ ବୋଲି କହିଛନ୍ତି ।

ରବିବାର, ଜୁଲାଇ ୨୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି


## ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ବାଲିଆପାଳ , ୧୯/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଚତୁର୍ଥ ବନ୍ୟା ଆସି ଜଳ କମିଥିବା ବେଳେ ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ବ୍ଲକରେ ଅଧିକାରୀ ମାନଙ୍କ ସହିତ ବନ୍ୟା ସ୍ଥିତି ବାବଦରେ ଆଲୋଚନା କରିଥିଲେ। ପରେ ପାୱାର ବୋଟରେ ମଧୁପୁରା ପଞ୍ଚାୟତର ଚୌଧୁରିକୁଦ ଓ ଚଡବସ୍ତ କାଳରୁଇ ଗ୍ରାମକୁ ଯାଇ ରିଲିଫ ବଣ୍ଟନ ଠିକ ଭାବରେ ହେଉଛି କି ନାହିଁ ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ସେଠାରୁ ଫେରିବା ପରେ ବିଷ୍ଣୁପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପଞ୍ଚାୟତ ଅଫିସରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଜନସାଧାରଣ ବାରମ୍ବାର ବନ୍ୟା ଦ୍ୱାରା ସେମାନଙ୍କ ଜୀବନ ଜିବିକା ଠପ ହୋଇପଡ଼ିଥିବା ଜିଲ୍ଲାପାଳଙ୍କୁ ଜଣାଇବା ସହ ବନ୍ୟାର ସ୍ଥାୟୀ ପ୍ରତିକାର ଏବଂ ଦୁର୍ବଳ ନଦୀ ବନ୍ଧର ମରାମତି ସହିତ ନଦୀ ବନ୍ଧକୁ ଉଚ୍ଚା କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ସେଠାରେ ଉପସ୍ଥିତ ଥିବା ଜଳସମ୍ପଦ ବିଭାଗର ସୁପରିଟେଣ୍ଡେଟ ଇଞ୍ଜିନିୟରି ନବ କୁମାର ମାହାଳିକଙ୍କୁ ବର୍ଷାଋତୁ ପରେ ନଦୀ ବନ୍ଧର ମରାମତି ଏବଂ ଉଚ୍ଚତା ବୃଦ୍ଧି ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବିଡିଓ ରାଧା ରଞ୍ଜନ ଦାସ, ଜଳସମ୍ପଦ ବିଭାଗର ସହକାରୀ ଅଧିକ୍ଷଣ ଯନ୍ତ୍ରୀ ତାପସ କୁମାର ନାୟକ, ସହକାରୀ ଯନ୍ତ୍ରୀ ନନୀଗୋପାଳ ସେନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ସରପଞ୍ଚ ମହେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ପାଠ ପଢ଼ିବାକୁ ଚାହୁଁଛନ୍ତି ଶିବ: ସୁଯୋଗ ଦେବାକୁ ଦାବି

ଉଦଳା , ୧୯/୭ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ବ୍ରାହ୍ମଣିପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବିକ୍ରମ ହୋଙ୍କର ୧୬ ବର୍ଷ ବୟସର ପୁତ୍ର 'ଶିବ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ଶିବ' ଗ୍ରାମରେ ଥିବା ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ଏହି ସମୟରେ ସେ ଅସୁସ୍ଥ ହୋଇପଡ଼ିବାରୁ ଦିର୍ଘ ବର୍ଷ ଧରି ପାଠ ଠାରୁ ଦୁରେଇ



ଯାଇଥିଲେ । ସେ ସୁସ୍ଥ ହେବା ବେଳକୁ କରୋନା ପାଇଁ ବିଦ୍ୟାଳୟ ବନ୍ଦ ରହିଲା । ପରେ ବିଦ୍ୟାଳୟ ଖୋଲିବା ବେଳକୁ ସେ ପୁଣି ଥରେ ପାଠ ପଢ଼ିବା ପାଇଁ ନାମ ଲେଖାଇବାକୁ ବିଦ୍ୟାଳୟକୁ ଯାଇଥିଲେ । କିନ୍ତୁ ବିଦ୍ୟାଳୟର କର୍ତୃପକ୍ଷ ତୁମର ବୟସ ଅତିକ୍ରାନ୍ତ ହୋଇଗଲା ବୋଲି କହି ଫେରାଇ ଦେଇଥିବାର ସେ ଗଣମାଧ୍ୟମକୁ ଜଣାଇଛନ୍ତି । 'ଶିବ'ଙ୍କର ପାଠପଢ଼ିବାର ଆଗ୍ରହ ଥିବାରୁ ତାଙ୍କୁ ପୁଣିଥରେ ପାଠ ପଢ଼ିବାର ସୁଯୋଗ ସରକାର ପ୍ରଦାନ କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

## ଚଳିତବର୍ଷ ଆଗାମୀ ଅଗଷ୍ଟ ମାସ ପାଇଁ ଯୁଗ୍ମ ଜନଶୁଣାଣି ଶିବିର ସମ୍ପର୍କିତ କାର୍ଯ୍ୟସୂଚୀ

ବାରିପଦା, ୧୯/୭ (ନି.ପ୍ର): ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅଗଷ୍ଟ ମାସର ପ୍ରଥମ ସୋମବାର ତା ୦୪-୦୮-୨୦୨୫ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ, ସେହିପରି ଅଗଷ୍ଟ ମାସର ଦ୍ୱିତୀୟ ସୋମବାର ତା. ୧୧-୦୮-୨୦୨୫ରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୦୫ ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ , ସେହିପରି ଅଗଷ୍ଟ ମାସ ତୃତୀୟ ସୋମବାର ତା ୧୮-୦୮-୨୦୨୫ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଶୁଣାଣି ହେବ ଏବଂ ଅଗଷ୍ଟ ମାସର ଚତୁର୍ଥ ସୋମବାର ତା ୨୫-୦୮-୨୦୨୫ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ସାଧାରଣ ଜନତା ଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡ଼ିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳ ର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡ଼ିକ ଉପସ୍ଥିତ ରହି ଜଣାଇ ପାରିବେ। ଆବେଦନକାରି ମାନେ ଅନ ଲାଇନରେ ମଧ୍ୟ ଜନ ଶୁଣାଣି ପୋର୍ଟାଲ ଜରିଆରେ ସେମାନଙ୍କର ନିଜ ନିଜର ଅଭିଯୋଗ ପତ୍ର ଦାଖଲ କରିପାରିବେ।

## ପ୍ରଦର୍ଶନ ଆଧାରରେ ରାଜସ୍ୱ ଅଧିକାରୀଙ୍କର ଲେଖାଯିବ ସିସିଆର

ଭୁବନେଶ୍ୱର, ୧୯/୭ (ନି.ପ୍ର): ଅଫିସରଙ୍କୁ କଡ଼ା ଚେତାବନୀ ଦେଲେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ । କହିଲେ ପ୍ରଦର୍ଶନ ଆଧାରରେ ରାଜସ୍ୱ ଅଧିକାରୀଙ୍କର ଲେଖା ଯିବ ସିସିଆର । ପ୍ରଦର୍ଶନକୁ ୧ ରୁ ୫ ଭିତରେ ରେଟିଂ କରାଯାଇଛି । ଏଆଇ ଜରିଆରେ ଅଫିସରଙ୍କ କାର୍ଯ୍ୟର ତର୍ଜମା କରାଯିବ । ପ୍ରମୋସନ ପାଇଁ ରାତି ଅଧିଆ କାମ କି ଧରାଧରି ଚଳିବ ନାହିଁ । ଭଲ ପ୍ରଦର୍ଶନ କଲେ ପ୍ରମୋସନ ଦିଆଯିବ ବୋଲି ନିବନ୍ଧନ ଅଧିକାରୀଙ୍କ କର୍ମଶାଳାରେ କହିଛନ୍ତି ଦେଓ ରଞ୍ଜନ ସିଂ । ଏହା ସହ ରେଜିଷ୍ଟ୍ରାର ଅଫିସରେ କେମିତି କାମ ହୁଏ ତାହାର ପୋଲ ଖୋଲିଲେ ଦେଓ ରଞ୍ଜନ ସିଂ । କହିଲେ ଆମ ଅଫିସର ମାନଙ୍କ ମଧ୍ୟରେ ଗୋଟେ ଧାରଣା ଅଛି ଆମେ ବହୁତ ଭଲ କାମ କରୁଛୁ । କିନ୍ତୁ ଜନ ସାଧାରଣ ଙ୍କ ଫିଡ଼ ବ୍ୟାକ ବହୁତ ଖରାପ । ଲୋକଙ୍କ କହିବା କଥା ଯଦି କାହାକୁ ଧରିବେ ନାହିଁ କି ଆଉ ଜିନିଷଟା ଦେବେ ନାହିଁ ତେବେ ଜୋତା ଘଷି ହୋଇଗଲେ ବି କେହି ଶୁଣିବେ ନାହିଁ। ଯଦି ଏହି ଦୁଇଟି ଜିନିଷ କରିଦେଲେ ତେବେ ଘରେ ବସିଥିଲେ ରେଜିଷ୍ଟ୍ରେସନ ହେଇଯିବ । ଇଏ ହେଉଛି ରେଜିଷ୍ଟ୍ରାର ଅଫିସର କଥା। ଯାହାକି ଅର୍ଦ୍ଧ ସତ୍ୟ ନୁହେଁ ପୂର୍ଣ୍ଣ ସତ୍ୟ ମୁଁ କହୁଛି । ତେଣୁ ରାଜସ୍ୱ ଅଧିକାରୀ ନିଜ କାର୍ଯ୍ୟରେ ସୁଧାର ଆଣନ୍ତୁ । ଅଫିସ କୁ ଠିକ ସମୟରେ ଆସନ୍ତୁ । ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ଝିଅର ଶବକୁ ଟ୍ରଲିରେ ବୋହି ଡାକ୍ତରଖାନା ନେବା ଘଟଣା

### ■ଖବର ପ୍ରକାଶନ ପରେ ପ୍ରଶାସନର ଚେତା ପଶିଲା

### ■ଶବକୁ ନେବା ସହ ସତ୍କାର ବ୍ୟବସ୍ଥା କଲା ପ୍ରଶାସନ

ବାଲିଆପାଳ , ୧୯/୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳା ଗ୍ରାମରେ ଜଣେ ଗରିବ ଆଦିବାସୀ ବାପାଆତ୍ମହତ୍ୟା କରିଥିବା ଝିଅର ଶବକୁ ବ୍ୟବଚ୍ଛେଦ ପାଇଁ ୬ କିମି ଏକ ଟ୍ରଲି ରିକ୍ସାରେ ବହିକି ଡାକ୍ତରଖାନା ପର୍ଯ୍ୟନ୍ତ ନେଇଯିବା ଘଟଣା ସମ୍ବାଦରେ ପ୍ରକାଶନ ପରେ ଆଜି ପ୍ରଶାସନର ନିନ୍ଦ ଭାଙ୍ଗିଛି । ଗତ କାଲି ଶବକୁ ଜବତ କରି ପୋଲିସବ୍ୟବ ଛେଦ ପାଇଁ ଆଣିବାର ବ୍ୟବସ୍ଥା ନକରି ପରିବାର ଲୋକଙ୍କ ଦାୟିତ୍ ଦେଇ ନିଜର କର୍ତ୍ତବ୍ୟ ସାରିଦେଇଥିଲା । ଗରିବ ଆଦିବାସୀ ବାପା ପାଖରେ ଶବ ନେବାକୁ ଆମ୍ବୁଲାନ୍ସ ଖର୍ଚ୍ଚ ଦେବାକୁ ପାଖରେ ଅର୍ଥ ନଥିବାରୁ ବାଧ ହୋଇ ଗ୍ରାମରୁ ଏକ ରିକ୍ସା ମାଗି ଠେଲି ଠେଲି ଡାକ୍ତରଖାନା ପର୍ଯ୍ୟନ୍ତ ଆସିଥିଲେ । ଆଜି ବ୍ୟବଚ୍ଛେଦ ପରେ ପୁଣି ଥରେ ଶବକୁ ସେହି ରିକ୍ସାରେ ଘରକୁ ନେବାର ଥିଲା ।ତେବେ ଆଜି ସମ୍ବାଦରେ ଖବର ପ୍ରକାଶନ ପରେ ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ତତ୍ପରତା ଦେଖାଇଛନ୍ତି । ଦେଉଳା ପଞ୍ଚାୟତ ସରପଞ୍ଚ ସରୋଜ କୁମାର ପିଳା ଡାକ୍ତରାଖାନାରେ ଉପସ୍ଥିତ ରହି ଶବ ବ୍ୟବ ଛେଦର ସମସ୍ତ କଥା ବୁଝିବା ସହ ଏକ ଆମ୍ବୁଲାନ୍ସ ଯୋଗେ ଶବକୁ ଘରକୁ ନେଇଥିଲେ । ସରପଞ୍ଚ ଶ୍ରୀ ପିଳା ମୃତ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ବାବଦ ୩୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ,ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ମୃତ ପରିବାରକୁ ଭେଟି ସମସ୍ତ ଘଟଣା ପଚାରି ବୁଝିବା ସହ ବ୍ଲକ ପ୍ରସାସନ ପକ୍ଷରୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିବା ସହ ସତ୍କାର ର ସମସ୍ତ ବ୍ୟବସ୍ଥା କରିଥିଲେ । ତେବେ ଏହି ଘଟଣାରେ ଶବ ବ୍ୟବ ଚ୍ଛେଦ ପାଇଁ ଯାଇଥିବା ପୋଲିସ ଏଏସଆଇ ପାନାମଣି ସୋରେନଙ୍କୁ ପଚାରିବାରୁ ସେ ଶବକୁ ନେବା ପାଇଁ ଗାଡି ଏବଂ ୧୦୮ ଆମ୍ବୁଲାନ୍ସ ସହ ଯୋଗା ଯୋଗ କରିଥିଲେ ମଧ ସମ୍ଭବ ହୋଇପାରିନଥିବା ସଫେଇ ଦେଇଛନ୍ତି ।ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି । ସେହିପରି ଆଜି ଅପରାହ୍ନରେ ସ୍ୱାସ୍ଥ୍ୟବିଭାଗର ଏକ ଟିମ ପହଂଚି ଆମ୍ବୁଲାନ୍ସ କୁ ଯୋଗାଯୋଗ କରାଯାଇଥିବା ମୋବାଇଲ ନମ୍ବର ସଂପର୍କରେ ପଚାରି ବୁଝିଛନ୍ତି । ତେବେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ମହା ପରାୟଣ ରଥ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ସୂଚନା ଯୋଗ୍ୟ ଦେଉଳା ପଂଚାୟତ ବିନ୍ଧାଣୀ ସାହି ଗ୍ରାମର ମଧୁବିନ୍ଧାଣୀ ଝିଅ ନନ୍ଦିନୀ ଘରୁ ରାଗିଯାଇ ନିକଟସ୍ଥ ଗ୍ରାମରେ ବେକରେ ରଶି



ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବଦ କରି ବ୍ୟବଚ୍ଛେଦ ପାଇ ପରିବାର ଲୋକଙ୍କୁ ଦାୟିତ୍ୱ ଦେଇ ପଳାଇଆସିଥିଲେ । ତେବେ ମଧୁ ଅତ୍ୟନ୍ତ ଗରିବ ଦିନ ମଜୁରିଆ ହୋଇଥିବାରୁ ଆମ୍ବୁଲାନସରେ ଶବକୁ ନେବାକୁ ୧୨ଶହ ଟଙ୍କା ବ୍ୟବସ୍ଥା କରିପାରି ନଥିଲେ । ଗ୍ରାମର ଜୈନିକ ବ୍ୟକ୍ତିଙ୍କଟାରୁ ଟଲି ମାଗି ଝିଅର ଶବକୁ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ ।

## ନିଜପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃଦ୍ଧବୃଦ୍ଧା ହିତାଧିକାରୀଙ୍କ ହସ୍ତରେ ବୃକ୍ଷରୋପଣ



ନୀଳଗିରି, ୧୯/୭ (ନି.ପ୍ର): ଔପଦା ବ୍ଲକ୍ ଅନ୍ତର୍ଗତ କାଣ୍ଡଗରଡି ଗ୍ରାମ ପଞ୍ଚାୟତରେ ଭତ୍ତାବଣ୍ଟନ ଅବସରରେ ଭତ୍ତା ନେବାପାଇଁ ଆସିଥିବା ବୟୋଜ୍ୟେଷ୍ଠ ହିତାଧିକାରୀମାନଙ୍କୁ ସରପଞ୍ଚ ରାଜେନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ନିଜ ନାମରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିଛନ୍ତି। ସରପଞ୍ଚ ଶହେରୁ ଊର୍ଦ୍ଧ୍ୱ ଗଛଚାରା ଆଣି ଭତ୍ତାନେବାକୁ ଆସିଥିବା ବୟସ୍କ ହିତାଧିକାରୀଙ୍କୁ ଚୟନକରାଯାଇ ସେମାନଙ୍କ ଦ୍ୱାରା ପଞ୍ଚାୟତ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ନିଜ ନାମରେ ଗଛର ନାମ ନାମକରଣ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ପୃଷ୍ଟି, ସିଏଚ୍ଓ ଚନ୍ଦନ କୁମାର ସାହୁ, ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନାରାଣୀ ପରିଡ଼ା, ଆଶା ମଧୁମିତା ନାୟକ, ୱାର୍ଡସଭ୍ୟ କରୁଣାକର ରାଉତ, ସମାଜସେବୀ ଟୁନୁ ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ପ୍ରତାପ ପାଢ଼ୀ, ମଣିଭଦ୍ର ମହାପାତ୍ର, ଗୌରାଙ୍ଗ ପରିଡ଼ା, ମନୋରଞ୍ଜନ ନାୟକ, ମୁକ୍ତିକାନ୍ତ ସାମଲ, ସାଗର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ନାଭଡ଼େଶ୍ୱର ପୀଠ ଅବହେଳିତ : ଉନ୍ନତିର ନାଁ ଧରୁ ନାହିଁ

ଲଙ୍ଗଳେଶ୍ୱର, ୧୯/୭ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ନାଭଡ଼େଶ୍ୱର ଗାଁରେ ରହିଛି ପୂରାତନ ଶୈବ ପୀଠ ନାଭଡ଼େଶ୍ୱର। ରକ୍ଷଣା ବେକ୍ଷଣା ଅଭାବରୁ ଏହି ପୀଠଟି ଏବେ ଅବହେଳିତ।ଲୋକ ପ୍ରତିନିଧି ଓ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଭକ୍ତ ଓ ସ୍ଥାନୀୟ ଲୋକ ମାନେ ଦାବି କରିଛନ୍ତି। ପୂରାତନ ମନ୍ଦିର, ନାଟ ମନ୍ଦିର ମରାମତି ଅଭାବରୁ ଭାଙ୍ଗି ରୁଜି ଗଲାଣି। ମନ୍ଦିର ଚତୁଃର ପାର୍ଶ୍ୱରେ କୌଣସି ପାଚେରୀ ନ ଥିବାରୁ ବୁଲା ଗାଇ ଗୋରଙ୍କ ଏହା ଚରା ଭୂମି ଓ ଆଶ୍ରୟ ସ୍ଥଳ ପାଲଟିଛି। ପୂର୍ବରୁ ଦେବୋତ୍ତର ବିଭାଗ ଅଧୀନରେ ମହା ଦେବଙ୍କ ଅନେକ ସମ୍ପତ୍ତି ରହିଥିବା ବେଳେ ଅଧିକାଂଶ ସମ୍ପତ୍ତି ଏବେ ମୁଷ୍ଟିମେୟ ଲୋକଙ୍କ ଜବର ଦାଖଲରେ ରହିଛି। ଜବର ଦଖଲ ଉଚ୍ଛେଦ ନେଇ କୌଣସି ସ୍ତରରେ ଉଦ୍ୟମ ନାହିଁ।ମହାଦେବଙ୍କ ଆବିର୍ଭାବ ସମ୍ପର୍କରେ ସେମିତି କିଛି ପ୍ରାମାଣିକ ତଥ୍ୟ



ନାହିଁ।କିମ୍ବଦନ୍ତୀ କହେ ବହୁ ବର୍ଷ ପୂର୍ବେ ଏବେର ମନ୍ଦିର ସ୍ଥାନ ରେ ଏକ ବଡ଼ ବାଲିଅଡିଆ ଥିଲା। ଜଣେ ଗାଇ ଆଳ ପିଲା ଗାଈ ଚରାଉଥିବା ବେଳେ ଏକ ବଡ଼ ଗାଡ଼ ମଧ୍ୟରେ ମହାଦେବ ଲିଙ୍ଗ ଦେଖି ସେ ଗାଁ ଲୋକଙ୍କୁ କହିଥିଲେ।ପରେ ଗ୍ରାମବାସୀ ସେଠାରେ ଏକ ଚଉପାଢ଼ି ନିର୍ମାଣ କରି ଜ୍ୟୋତିର୍ଲିଙ୍ଗଙ୍କୁ ପୂଜାର୍ଚ୍ଚନା କଲେ। ଏହାର ପ୍ରଥମ ପୂଜକ କିଏ ତାହା ମଧ ଜଣା ଯାଇ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗ୍ରାମର କ୍ଷେତ୍ର ମୋହନ ପଣ୍ଡା ହେଉଛନ୍ତିଏ ଏହାର ପ୍ରଥମ ପୂଜକ। ଏବେ ତାଙ୍କ ବଂଶଧରମାନେ ମହାଦେବଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ଗ୍ରାମର ପରୀକ୍ଷିତ ଦ୍ୱିବେର୍ତ୍ତାଙ୍କ କନ୍ୟା ଲକ୍ଷ୍ମୀ ପ୍ରିୟାଙ୍କୁ ମହାଦେବଙ୍କ ସ୍ୱପ୍ନାଦେଶ ହେବାରୁ ସେ ମହାଦେବଙ୍କ ମନ୍ଦିର ତୋଳାଇ ଥିଲେ। ଗ୍ରାମର ଶୈବ ଭକ୍ତ ଚନ୍ଦ୍ର ମୋହନ ଦତ୍ତ, ଗଙ୍ଗାଧର ଦେ ପ୍ରମୁଖ ମନ୍ଦିର ନିର୍ମାଣ ପାଇଁ ମଧ ସହାୟତା ଦେଇଥିଲେ। ୨୦୦୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମହଦେବଙ୍କ ଚଡକ ଓ ଜାଗର ଯାତ୍ରା ଖୁବ ପ୍ରସିଦ୍ଧ। ଏଥିପାଇଁ ଭକ୍ତଙ୍କ ଅଧିକ ସମାବେଶ ହୋଇ ଥାଏ। ନାଭଡ଼େଶ୍ୱରଙ୍କ ମହିମା ଅତି ଚମତ୍କାର। ମାନସିକ କରିଥିବା ଭକ୍ତ ମାନଙ୍କୁ ସେ ଅଭୟ ବର ପ୍ରଦାନ କରନ୍ତି। ତାଙ୍କ କୃପା କରୁଣାରୁ ମଣିଷ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଥାନ୍ତି। ସେଥିପାଇଁ ବର୍ଷର ଅନେକ ସମୟରେ ଭକ୍ତମାନେ ପୀଠରେ ଅଧିଆ ପଡ଼ିଥାନ୍ତି। ବାଲିଆପାଳ ବ୍ଲକ ଛକରୁ କାଳିପଦା ବଜାର ପ୍ରାୟେ ୬ କିଲୋମିଟର ରାସ୍ତା ଅତିକ୍ରମ କଲା ପରେ ସେଠୁ ପୂର୍ବକୁ କାଳିପଦା କଚୁଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଦେଢ଼ କିଲୋମିଟର ଗଲେ ପଡେ ଏହି ପୀଠ। ସରକାର ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ର କଲେ ଏହି ପୀଠର ଅଧିକ ଉନ୍ନତି ହୋଇ ପାରନ୍ତା। ଏହି ପୀଠରୁ ଦକ୍ଷିଣକୁ ଆଉ ୬ କିଲୋମିଟର ଗଲେ ଡଗରା ଚୌମୁଖ ମନୋରମ ପର୍ଯଟନ କେନ୍ଦ୍ର ରହିଛି। ବାଲିଆପାଳ ଡଗରା ରାସ୍ତାର କାଳିପଦା ନିକଟରେ ଏହି ଶୈବ ପୀଠ ଥିବାରୁ ଏହା ପର୍ଯଟକଙ୍କୁ ଆକୃଷ୍ଟ କରିପାରିବ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପୁଣି ହୋଇପାରେ ଡ୍ରାଇଭର ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୧୯/୭ (ନି.ପ୍ର): ପୁଣି ହୋଇପାରେ ଡ୍ରାଇଭର ସଂଘର ଆନ୍ଦୋଳନ। ଜୁଲାଇ ୨୮ରେ ଆନ୍ଦୋଳନ ପାଇଁ ଚେତାବନୀ । ଡ୍ରାଇଭର ମହାସଂଘର କୋଷାଧ୍ୟକ୍ଷଙ୍କୁ ମୁକୁଳାଇବାକୁ ଦାବି ହୋଇଛି । ଡ୍ରାଇଭର ଆନ୍ଦୋଳନ ବେଳେ ଗିରଫ ହୋଇଥିଲେ କୋଷାଧ୍ୟକ୍ଷ । ଚେତାବନୀ ଦେଇଛି ରାଷ୍ଟ୍ରୀୟ ଅଟୋ ରିକ୍ସା ଟ୍ରାନ୍ସପୋର୍ଟ ଫେଡରେସନ।

## ଦିବଙ୍ଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନ



ବାଲେଶ୍ୱର , ୧୯/୭ (ନି.ପ୍ର): ଚଳିତ ମାସ ୧୨ ତାରିଖରେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦିବ୍ୟାଙ୍ଗତ ବି. ଇଡି.ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ କରି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏ ମ୍ସ୍ ଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। ସୌମ୍ୟାଶ୍ରୀ ଉଚ୍ଚ ଶିକ୍ଷା ପାଇଁ ସୁଦୂର ଭୋଗରାଇ ଅଞ୍ଚଳରୁ ଆସି ବାଲେଶ୍ୱରର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବି. ଇଡିରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣର ମାଷ୍ଟର ଟ୍ରେନର ଥିଲେ। ମାତ୍ର ଏଭଳି ଦକ୍ଷ ପ୍ରତିଭାର ବିୟୋଗରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ୨୦ଲକ୍ଷ ଟଙ୍କାର ଅର୍ଥ ରାଶିର ଏକ ଚେକ୍ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୋକକସନ୍ତପ୍ତ ପରିବାରଙ୍କୁ ଭେଟି ପ୍ରଦାନ କରିବା ସମୟରେ ମାନ୍ୟବର ବଡ଼ସାହି ବିଧାୟକ ଶ୍ରୀଯୁକ୍ତ ସନାତନ ବିଜୁଳି ଓ ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ସମେତ ଉପଜିଲ୍ଲାପାଳ ବାଲେଶ୍ୱର ଏବଂ ତହସିଲଦାର ଭୋଗରାଇ ଓ ସ୍ଥାନୀୟ ନେତୃବର୍ଗ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥି ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍ କ୍ରସରୁ ୨୫,ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଶୋକ।ଭିଭୂତ ପରିବାରଙ୍କୁ ନେତୃମଣ୍ଡଳୀ ସମବେଦନା ଜଣାଇଥିଲେ।

## ପ୍ରମୋସନ ପାଇଁ ଧରାଧରି ଚଳିବ ନାହିଁ : ଅଫିସରଙ୍କୁ କଡ଼ା ଚେତାବନୀ

ଭୁବନେଶ୍ୱର, ୧୯/୭ (ନି.ପ୍ର): ଭଲ କାମ କର ପଦୋନ୍ନତି ମିଳିବ । ସବୁବେଳେ କାମରେ ଢିଲା କରି ରାତି ଅଧିଆ କାମ କରିଦେଲେ ବା ଧରାଧରି କଲେ ପ୍ରମୋସନ ମିଳିବନାହିଁ । ରାଜସ୍ୱ ବିଭାଗର ଅଧିକାରୀଙ୍କୁ ଏଭଳି ଚେତାଇଛନ୍ତି ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ । ଅଫିସରଙ୍କୁ କଡ଼ା ଚେତାବନୀ ଦେଇ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ କହିଛନ୍ତି, ପ୍ରଦର୍ଶନ ଆଧାରରେ ରାଜସ୍ୱ ଅଧିକାରୀଙ୍କର ଲେଖାଯିବ ସିସିଆର । ପ୍ରଦର୍ଶନକୁ ୧ ରୁ ୫ ଭିତରେ ରେଟିଂ କରାଯାଇଛି । ଇଓ ଜରିଆରେ ଅଫିସରଙ୍କ କାର୍ଯ୍ୟର ତର୍ଜମା କରାଯିବ । ପ୍ରମୋସନ ପାଇଁ ରାତି ଅଧିଆ କାମ କି କି ଧରାଧରି କଲେ ଚଳିବ ନାହିଁ । କେବଳ ନିଜ ଡ୍ୟୁଟିରେ ଭଲ ପ୍ରଦର୍ଶନ କଲେ ପ୍ରମୋସନ ଦିଆଯିବ ।

## ପରିତ୍ୟକ୍ତ ପୋଖରୀରୁ ଯୁବକର ମୃତଦେହ ଉଦ୍ଧାର

ବସ୍ତା, ୧୯/୭ (ନି.ପ୍ର): ବସ୍ତା ଥାନା ସଦାନନ୍ଦପୁର ପଞ୍ଚାୟତ ବାଉଁଶମୁଖା ଗ୍ରାମର ଏକ ପରିତ୍ୟକ୍ତ ପୋଖରୀରୁ ଆଜି ଏକ ଯୁବକର ମୃତ ଦେହ ଉଦ୍ଧାର।ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ବାବାଜୀ ଜେନା ଙ୍କ ୩୫ ବର୍ଷ ର ପୁତ୍ର ଧରଣୀ ଜେନା ବୋଲି ଜଣାପଡିଛି। ସୂଚନା ଅନୁସାରେ ଧରଣୀ ଚାରି ଦିନ ଧରି ନିଖୋଜ ଥିବା ବେଳେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନ ରେ ଖୋଜା ଖୋଜି ଜାରି ରହିଥିଲା। ତେବେ ଆଜି ଦିନ ବାରଟା ସମୟରେ ଧରଣୀ ର ବଡ଼ ଭାଇ ରାସ୍ତା କଡ ରେ ଥିବା ଜଙ୍ଗଲ ସହ ପରିତ୍ୟକ୍ତ ପୋଖରୀ କୁ ଦେଖୁଥିବା ବେଳେ ଏକ ମୃତ ବ୍ୟକ୍ତି ର ଶବ କୁ ଦେଖିଥିଲେ। ପରେ ବସ୍ତା ପୋଲିସ ଓ ଦମକଳ ବାହିନୀ ର ସହଯୋଗ କ୍ରମେ ମୃତ ବ୍ୟକ୍ତି କୁ ଉଦ୍ଧାର କରିବା ପରେ ଉକ୍ତ ବ୍ୟକ୍ତି ଜଣକ ଧରଣୀ ଜେନା ବୋଲି ଜଣା ପଡିଥିଲା।ପୋଲିସ ଶବ କୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହିତ ପୋଷ୍ଟ ମର୍ଟମ ପାଇଁ ପଠାଇ ତଦନ୍ତ ଜାରି ରଖିଛି.ତେବେ ପୋଷ୍ଟ ମର୍ଟମ ରିପୋର୍ଟ ଆସିବାପରେ ଏହା ପାଣି ବୁଡି ନା ସୁପରିକଳ୍ପିତ ହତ୍ୟାକାଣ୍ଡ ତାହା ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida